## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୧୨।୨୦୨୪

| | |
|---|---|
| ୪,୭୦,୪୮୪ ଟଙ୍କା | |
| ସୁନା | ୦.୪୫୦ ଗ୍ରାମ୍ |
| ରୁପା | ୧୮.୬୫୦ ଗ୍ରାମ୍ |

## ସଂକ୍ଷେପରେ

### ୧୧୫ ଗ୍ରାମ୍ ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ନିମାପଡ଼ା,୬।୧୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଅବକାରୀ ଥାନା ପକ୍ଷରୁ ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ନିମାପଡ଼ା-ଅଠାନ୍ତର ରାସ୍ତାର ଖର୍ଚ୍ଚୁଆ ଶଙ୍ଖ ନିକଟରେ ଅଚାନକ ଚଢ଼ାଉକରି ୧୧୫ ଗ୍ରାମ୍ ବ୍ରାଉନସୁଗାର ଜବତକରିବା ସହ ଜଣେ ବ୍ୟବସାୟୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ବ୍ୟବସାୟୀ ଜଣଙ୍କ ହେଲେ ଅନୀଲ କୁମାର ରାଉତ। ଜବତ ହୋଇଥିବା ବ୍ରାଉନସୁଗାରର ମୂଲ୍ୟ ୧୧ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏନେଇ ନିମାପଡ଼ା ଅବକାରୀ ଥାନାରେ କେସ୍ ନଂ.୧୩୬/୨୪-୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ କଡ଼ା ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, ଏଏସ୍ଆଇ ସନ୍ତୋଷ କୁମାର ମହାରଣା, ତପନ ପ୍ରଧାନ, ସ୍ୱାଗତିକା ଘଡ଼େଇ, ସବିତା ସାହୁ, ଶେକ୍ ୱାରିସ, ଶରତ ଚନ୍ଦ୍ର ସାହୁ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।

### ଶିକ୍ଷକ ସଞ୍ଜୟ ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା

ଅସ୍ତରଙ୍ଗ,୬।୧୨(ମମତା ଜେନା)

କାକଟପୁର ବ୍ଲକ ଅଧୀନ ରାୟସ ପାଟପୁର ଗ୍ରାମର ଶିକ୍ଷକ ସଞ୍ଜୟ ନାୟକଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ଶିକ୍ଷାଧିକାରୀ ଦିଲୀପ କୁମାର ଜେନା, ପୂର୍ବତନ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତି, ଶିକ୍ଷାବିତ୍ ଅଜୟ କୁମାର ଦାଶ, ଶାନ୍ତନୁ ପରିଡା, ସାଧୁ ଚରଣ ବିଶ୍ୱାଳ, ପଞ୍ଚାନନ ପରିଡା, ଆଦିତ୍ୟ ମହାନ୍ତି, କୁଣ୍ଢେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ତୁଷାରକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ ସହ ତାଙ୍କର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ଅଭୟ ନାୟକ, ଦୁର୍ଗାପ୍ରସାଦ ଦାଶ ଓ ସନ୍ତୋଷ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଗୁରୁକୁଳ ଢାଞ୍ଚାରେ ଆକର୍ଷଣୀୟ ହେବ ବନ ବିଦ୍ୟାଳୟ

ସାକ୍ଷୀଗୋପାଳ, ୬।୧୨(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)



ବକୁଳବନ ପରିଦର୍ଶନ ଅବସରରେ ଉଚ୍ଚଶିକ୍ଷା ସଚିବ ତଥା କମିଶନର ଶାଳିନୀ ପଣ୍ଡିତ ଅଧିକାରୀ ଏବଂ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

ଉଚ୍ଚଶିକ୍ଷା ସଚିବ ତଥା କମିଶନର ଶାଳିନୀ ପଣ୍ଡିତ ଶୁକ୍ରବାର ପୁରୀ ଜିଲା ଗସ୍ତରେ ଆସି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ଅବସ୍ଥାରେ ଥିବା ସତ୍ୟବାଦୀ ବକୁଳବନ ଓ ବନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ପଞ୍ଚସଖାଙ୍କ ଐତିହାସିକ ବନ ବିଦ୍ୟାଳୟ ଗୁରୁକୁଳ ଢାଞ୍ଚାରେ ଆକର୍ଷଣୀୟ ଓ ସଂରକ୍ଷଣ କରାଯିବ ବୋଲି ପଣ୍ଡିତ କହିଛନ୍ତି। ପ୍ରାକୃତିକ ପରିବେଶରେ ରହିଥିବା ପୁରୁଣା ବୃକ୍ଷରାଜି, ପୁରାତନ ଜଳଉତ୍ସ ମଧ୍ୟରେ ଉଜୁଡ଼ିଯାଇଥିବା ବନବିଦ୍ୟାଳୟର ଚିତ୍ର ଆଗାମୀ ପିଢ଼ିଙ୍କ ପାଇଁ ଗଢିତୋଳିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଶୈକ୍ଷିକ ପରିଭ୍ରମଣରେ ଆସୁଥିବା ଛାତ୍ରୀଛାତ୍ରମାନେ ବନ ବିଦ୍ୟାଳୟର ଇତିହାସକୁ ଯେଭଳି ଅନୁଭବ କରିପାରିବେ, ସେନେଇ ଯୋଜନା ପ୍ରସ୍ତୁତ କରିବାକୁ ଉପସ୍ଥିତ ଅଧିକାରୀ ଓ ଇଞ୍ଜିନିୟରମାନଙ୍କୁ ସେ ପରାମର୍ଶ ଦେଇଥିଲେ। ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସ୍ଥାନିତ ହୋଇଥିବା ମଣ୍ଡପର ସୌନ୍ଦର୍ଯ୍ୟକରଣ କରାଯିବ। ଏଥିନିମନ୍ତେ ଆବଶ୍ୟକ ପାଣ୍ଠି ଓ ରକ୍ଷଣାବେକ୍ଷଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ସେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରସ୍ଥ ପୁରାତନ ଚାଳଛପର ଛାତ୍ରାବାସ, ଗୋପବନ୍ଧୁଙ୍କ ଶେଷନିଃଶ୍ୱାସ ତ୍ୟାଗସ୍ଥଳ, ବିଦ୍ୟାଳୟର ପୁରାତନ ଶ୍ରେଣୀକକ୍ଷ ପରିଦର୍ଶନ କରିବା ସହ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବନ ବିଦ୍ୟାଳୟକୁ ଏକ ଐତିହ୍ୟ ବିଦ୍ୟାଳୟ ସ୍ମାରକୀ ଭାବେ ସଜେଇ ରଖିବା ସମ୍ପର୍କରେ ଅଧିକାରୀମାନଙ୍କ ସହ ସେ ଆଲୋଚନା କରିଥିଲେ। ଉଚ୍ଚଶିକ୍ଷା

**ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସ୍ଥାନିତ ମଣ୍ଡପର ସୌନ୍ଦର୍ଯ୍ୟକରଣ କରାଯିବ**

ସଚିବଙ୍କ ଏହି ଗସ୍ତ ସମୟରେ ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଓବିସିସିର ଅଧିକ୍ଷଣ ଯନ୍ତ୍ରୀ ସୁନ୍ଦର ମାଧବ ପାଢୀ, ମୁଖ୍ୟ ପ୍ରକଳ୍ପ ପରିଚାଳକ ପ୍ରିୟବ୍ରତ ସାମନ୍ତରାୟ, ବରିଷ୍ଠ ପ୍ରକଳ୍ପ ପରିଚାଳକ ଗିରିଜା ଶଙ୍କର ନାୟକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର କରଣ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର, ପୁରାତନ ଛାତ୍ର ସଂଘ ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ପରିଚାଳନା କମିଟି ସଭାପତି ଚକ୍ରଧର ମହାରଣା, ସେବାୟତ ସଂଘ ଉପସଭାପତି ସଞ୍ଜୟ କୁମାର ନନ୍ଦ,ଏସ୍.ଜେ.ଆସୋସିଏଟ୍‌ର ସ୍ଥପତି ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# କୁରାଳ ପଞ୍ଚମୀରେ ପୂଜା ପାଇଲେ ରୁଦ୍ରପାଳ, ରତ୍ନେଶ୍ୱରୀ

ପୁରୀ,୬।୧୨(ଅଜିତ୍ କୁମାର ମହାନ୍ତି)



ମାର୍ଗଶିର ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଶୁକ୍ରବାର ଠାରୁ କୁମ୍ଭକାରଙ୍କ ବଡ଼ ପର୍ବ କୁରାଳ ପଞ୍ଚମୀ ଆରମ୍ଭ ହୋଇଛି। ଏହା ୫ଦିନ ଧରି ଚାଲିବ। ଏହି ୫ଦିନ କୁମ୍ଭକାରମାନେ କୌଳିକ ବୃତ୍ତିରୁ ନିବୃତ୍ତ ରହିବେ। ପର୍ବ ପାଇଁ ସାହିଗୁଡ଼ିକୁ ରଙ୍ଗିନ ଆଲୋକମାଳାରେ ସଜାଯାଇଛି। ସେମାନେ ଇଷ୍ଟଦେବ ରୁଦ୍ରପାଳ ଏବଂ ଦେବୀ ରତ୍ନେଶ୍ୱରୀଙ୍କୁ ଆରାଧନା କରିବା ସହ ସେମାନଙ୍କ ସରଞ୍ଜାମକୁ ଶାଳଘରେ ପୂଜାର୍ଚ୍ଚନା କରିଛନ୍ତି। ପୁରୀର କୁମ୍ଭାରପଡ଼ା, ଟିକରପଡ଼ା ଓ ନୂଆସାହି ପ୍ରଭୃତି ଅଞ୍ଚଳରେ ବସବାସ କରୁଥିବା କୁମ୍ଭକାରମାନେ ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରୁଛନ୍ତି। ପରମ୍ପରା ଅନୁଯାୟୀ, ଠାକୁରଙ୍କ ପାଖରେ ୫ ଦିନ ଧରି ଶଙ୍ଖୁଡ଼ି ଭୋଗ ହେବ। ପଞ୍ଚମୀରେ ସାଦା ଅନ୍ନ, ଷଷ୍ଠୀରେ ପିଠାପଣା, ସପ୍ତମୀରେ ଦହିପଖାଳ, ଅଷ୍ଟମୀରେ ଖେଚୁଡ଼ି ଓ ନବମୀରେ ଚକୁଳି ପିଠା ଭୋଗ କରାଯିବ। ଦଶମୀରେ ଠାକୁରଙ୍କ ନିକଟରେ ବାଲଭୋଗ କରାଯାଇ ବିସର୍ଜନ ହେବ। ୮ତାରିଖ ସନ୍ଧ୍ୟାରେ ଭଜନ ସମାରୋହ ହେବ। କୁମ୍ଭକାର ନିଯୋଗ ପକ୍ଷରୁ ମହେନ୍ଦ୍ର ବିଶୋଇ ଏବଂ କୁରାଳ ମହାସଂଘ ରାଜ୍ୟ ସଭାପତି ସରୋଜ କୁମାର ବେହେରା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଶୋଇ ସୂଚନା ଦେଇ କହିଛନ୍ତି, ଉଦ୍‌ଯାପନ ପରେ କୁମ୍ଭକାର ନିଯୋଗ ପକ୍ଷରୁ ସାଧାରଣ ସଭା ଡକାଯାଇ ଜ୍ୟୋତିଷଙ୍କ ଦ୍ୱାରା ଶୁଭ ଅନୁକୂଳ ଯୋଗ ନିର୍ଦ୍ଧାରଣ କରାଯିବ। ସେହି ଶୁଭ ଯୋଗରେ ସମସ୍ତ କୁମ୍ଭକାର ଆସନ୍ତା ବର୍ଷ ପାଇଁ ମାଟି ଅନୁକୂଳ କରି ହାଣ୍ଡି ଗଢିବାର ପରମ୍ପରା ରହିଛି।

# ନିଖିଳ ଉତ୍କଳ ପାଟରା ସମିତିର ସାଧାରଣ ଅଧିବେଶନ



ଅଧିବେଶନରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

ପୁରୀ,୬।୧୨(ଅଜିତ କୁମାର ମହାନ୍ତି)

ନିଖିଳ ଉତ୍କଳ ପାଟରା ସମିତି ପାଟବୈଶ୍ୟ ମହାସଭା ଚଉଦ ଚକଲାର ୨୧୬ତମ ସାଧାରଣ ଅଧିବେଶନ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଢୁଡୁୱାଲା ଧର୍ମଶାଳାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ପ୍ରଥମ ଓ ଦ୍ୱିତୀୟ ମୁନିବ ଯଥାକ୍ରମେ ପ୍ରଫୁଲ୍ଲ ଚୌଧୁରୀ ଏବଂ ଅଜୟ କୁମାର ଚୌଧୁରୀ ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ତୃତୀୟ ମୁନିବ ଭାବେ ଦେବାଶିଷ ବେହେରାଙ୍କୁ ଅବସ୍ଥାପିତ କରାଯାଇଥିଲା। ସାଧାରଣ ସମ୍ପାଦକ ସଞ୍ଜୟ କୁମାର ପାତ୍ର ତ୍ରୟବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ମରଣିକା ଶଙ୍ଖର୍ଷଣ ଉନ୍ମୋଚିତ ହୋଇଥିଲା। ପାଟରା ମଠ ପରିସରରୁ କୁଳଦେବତା ପ୍ରଭୁ ବଳଭଦ୍ରଙ୍କ ଆଜ୍ଞାମାଳ ଏକ ଶୋଭାଯାତ୍ରାରେ ଆସି ଶ୍ରୀମନ୍ଦିର ପରିକ୍ରମା କରିବା ପରେ ଅଧିବେଶନ ସ୍ଥଳରେ ସ୍ଥାପନ ସହ ପୂଜାର୍ଚ୍ଚନା କରାଯାଇଥିଲା। ୧୪ ଚକଲାରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଛନ୍ତି। ଏହି ଅଧିବେଶନ ୩ଦିନ ଚାଲିବ। ଉପସଭାପତି ରବୀନ୍ଦ୍ରନାଥ ସେନାପତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀନାଥ ଖୁଣ୍ଟିଆ, ଉପସଭାପତି ଆଲୋକ କୁମାର ସାହୁ, ଫଗୁଭୂଷଣ ଦାସ, କୃଷ୍ଣଚନ୍ଦ୍ର ପାତ୍ର, ସମ୍ପାଦକ ଦିବାକର ସାହୁ, ଆର୍ତ୍ତତ୍ରାଣ ସାହୁ ଓ ବଲ୍ଲଭ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଠ ପରିଚାଳନା କମିଟି ଆବାହକ ଶରତ କୁମାର ପାତ୍ର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ସ୍ଥାନ ପାଇଛନ୍ତି ପୁରୀର ୫ ଖେଳାଳି

### ଜାତୀୟ ବିଦ୍ୟାଳୟ ବାଳକ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା

ପୁରୀ, ୬।୧୨(ଅଜିତ କୁମାର ମହାନ୍ତି)

ଡିସେମ୍ବର ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀର ପ୍ରୟାଗରାଜ ଷ୍ଟାଡିୟମ୍‌ରେ ୬୮ତମ ଜାତୀୟ ବିଦ୍ୟାଳୟ ବାଳକ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଓଡ଼ିଶା ଦଳରେ ପୁରୀ ଜିଲାର ୫ ପ୍ରତିଯୋଗୀ ସ୍ଥାନ ପାଇଛନ୍ତି। ସେମାନେ ହେଉଛନ୍ତି ଶ୍ରୀ ଶ୍ରୀ ବେଲେଶ୍ୱର ଗୋପୀନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରକାଶ ବେହେରା (୪୬ କେଜି), ପୋଲିସ ଉଚ୍ଚ ବିଦ୍ୟାଳୟର ଅଂଶୁ ନାୟକ (୪୮-୫୦ କେଜି) ଓ ଲୋକନାଥ ବେହେରା (୫୦-୫୨କେଜି), ଭୋଳାନାଥ ବିଦ୍ୟାପୀଠର ବି.ପ୍ରବୀଣ ରାଓ (୫୨-୫୪କେଜି) ଏବଂ ବସନ୍ତ କୁମାର ବେଜ (୬୦-୬୩ କେଜି)। ଏମାନେ ସମସ୍ତେ ପୁରୀ ବକ୍ସିଂ ଏକାଡେମୀର ଛାତ୍ର। ପ୍ରତିଯୋଗିତା ନିମନ୍ତେ ସମସ୍ତ ପ୍ରତିଯୋଗୀ ଶୁକ୍ରବାର ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, କ୍ରୀଡ଼ା ସଙ୍ଗଠକ ରବିଶଙ୍କର ପ୍ରତିହାରୀ, ବିଶ୍ୱଭୂଷଣ ପଣ୍ଡା, ପ୍ରଦୀପ ଦାସ, ଭାଗୀରଥି ବାରିକ, ଦୀପକ ମୁଦୁଲି, କ୍ରୀଡ଼ା ଶିକ୍ଷକ ଅଶ୍ୱିନୀରାଜ୍ କେର୍କେଟା, ରମେଶ ଚନ୍ଦ୍ର ସ୍ୱାଇଁ, ନିରଞ୍ଜନ ମିଶ୍ର, ପ୍ରଫୁଲ୍ଲ ମିଶ୍ର ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରିଛନ୍ତି।

# ବଢୁଛି ଜନସଂଖ୍ୟା, କମୁଛି ଚାଷଜମି

ଯୋଗେଶ୍ୱରପୁର,୬।୧୨(ରଶ୍ମିରଞ୍ଜନ ସାହୁ)

ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଅଞ୍ଚଳରେ ଚାଷଜମି ଦ୍ରୁତଗତିରେ ହ୍ରାସ ପାଉଛି, ଯାହା ମୁଣ୍ଡ ପିଛା ଚାଷଜମିରୁ ଅଧାରୁ ଅଧିକ କମିଗଲାଣି। ଫଳରେ ଏହା ଏକ ଉଦ୍‌ବେଗର କାରଣ ପାଲଟିଛି। ନୟାହାଟ ଓ ଆଖପାଖ ଅଞ୍ଚଳର ଲୋକମାନେ ଏବେ ଗାଁଛାଡ଼ି ସହରାଞ୍ଚଳରେ ବସବାସ କଲେଣି। କେତେଜଣ ଲୋକ ସହରାଞ୍ଚଳରୁ ନୟାହାଟ ଆସି ଧୀରେ ଧୀରେ ରାସ୍ତାପାର୍ଶ୍ୱରେ ଜାଗା କିଣି କୋଠାବାଡ଼ି କଲେଣି। ଏଥିସହିତ ଜନସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ଫଳରେ ନୟାହାଟ ଅଞ୍ଚଳରେ ଚାଷଜମି କମିବାରେ ଲାଗିଛି।

ନୟାହାଟ, ଯୋଗେଶ୍ୱରପୁର, ପାଣିଛତ୍ରରେ ଅନେକ ରାସ୍ତାକଡ଼ ଜମି ବିକ୍ରି ହୋଇଯାଇଥିବା ବେଳେ ଏହା କେବଳ କୋଠା ନିର୍ମାଣ ଅପେକ୍ଷାରେ ରହିଛି। ଜଳାଶୟଗୁଡ଼ିକ ବିକିବା ପାଇଁ ଅନୁମତିର ଆବଶ୍ୟକ ଥିଲାବେଳେ ରାଜସ୍ୱ ବିଭାଗର ଅଧିକାରୀ ଓ ଜମି ମାଫିଆଙ୍କର ସଲାସୁତରାରେ ଚାଷଜମି ଓ ଜଳାଶୟର କିସମ ପରିବର୍ତ୍ତନ ସମ୍ଭବ ହୋଇପାରୁଛି। ଯାହାକି ଚାଷଜମିର ଫସଲ ଅମଳ କମିବାରେ ଲାଗିଛି, ଚାଷଜମି କମିବାରୁ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ପରିବର୍ତ୍ତନ ଦେଖାଯାଇଛି। ଖରାଦିନେ ପାଣିର ଅଭାବ ଥିବାବେଳେ ଚାଷଜମି ନିକଟରେ ଜଳାଶୟ ଭରପୂର ଥାଏ। ଖରାଦିନେ ଫସଲ ପାଇଁ ଚାଷୀମାନେ ଉକ୍ତ ଜଳାଶୟରୁ ଜମିକୁ ପାଣି ମଡ଼ାଇ ଥାଆନ୍ତି। ଗ୍ରାମାଞ୍ଚଳର ଜଳାଶୟଗୁଡ଼ିକ ବିକ୍ରି ହେବା ଫଳରେ ସେଗୁଡ଼ିକୁ ପୋତି ଘର ତିଆରି କରାଯାଉଥିବାରୁ ଚାଷଜମି ଖରାଦିନେ ପଡ଼ିଆ ରହୁଛି। ଫଳରେ ଭବିଷ୍ୟତରେ ଫସଲ ଉତ୍ପାଦନ କ୍ଷେତ୍ରରେ ସମସ୍ୟା ଉପୁଜିବା ସହିତ ଚାଷଜମି ଭବିଷ୍ୟତରେ ଲୋପ ପାଇବାର ଆଶଙ୍କା ଦେଖାଯାଇଛି।

# 'ସମୟକ୍ରମେ ଆୟୁର୍ବେଦର ଅନେକ ଉନ୍ନତି ଘଟିଛି'

ପୁରୀ,୬।୧୨(ଅଜିତ୍ କୁମାର ମହାନ୍ତି)

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ଆୟୁର୍ବେଦ ବହୁ ପ୍ରାଚୀନ ଚିକିତ୍ସା ପଦ୍ଧତି। ସମୟ କ୍ରମେ ଆୟୁର୍ବେଦର ଅନେକ ଉନ୍ନତି ଘଟିଛି। ଚିକିତ୍ସକମାନେ ଏହାକୁ ସେବା ଭାବେ ବିବେଚନା କରି କାର୍ଯ୍ୟ କରିବା ଉଚିତ। ୭୫ ବର୍ଷର ଏହି ମହାବିଦ୍ୟାଳୟ ଅନେକ ଚିକିତ୍ସକଙ୍କୁ ସୃଷ୍ଟି କରି ସୁନାମ ଅର୍ଜନ କରିଛି ବୋଲି ବୋଲି ଷଡ଼ଙ୍ଗୀ ମତଦେବା ସହ ଯାହା ସମସ୍ୟା ରହିଛି ତାହା ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ। ପ୍ରଫେସର ଡା. ସୁରେଶ କୁମାର ଦାସ, ପ୍ରଫେସର ଡା. ଗୋପାଳ ଚନ୍ଦ୍ର ନନ୍ଦ, ପ୍ରଫେସର ଡା. ରାମକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମଗ୍ର ରାଜ୍ୟରେ ଏକ ଆଦର୍ଶ ମହାବିଦ୍ୟାଳୟ ଭାବେ ସୁନାମ ରଖିଛି ବୋଲି କହିଥିଲେ। ଏହାକୁ





ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପିତ**

ଆଗାମୀ ପିଢ଼ି ଆଗକୁ ନେବା ସହ ଅଧିକ ଗବେଷଣା କରି ଆୟୁର୍ବେଦକୁ ଶିଖରରେ ପହଞ୍ଚାଇବାକୁ ସେ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଅରୁଣ କୁମାର ଦାସ ସମାରୋହରେ ସଭାପତିତ୍ୱ କରିବା ସହ ହୀରକ ଜୟନ୍ତୀ ପାଳନରେ ସହଯୋଗ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ସମ୍ପାଦକ ରଞ୍ଜନ କୁମାର କାଷ୍ଠା ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସୂଚନାଯୋଗ୍ୟ, ଅମୃତାୟନ ନାମରେ ଆୟୋଜିତ ଏହି ୩ ଦିନିଆ ମହୋତ୍ସବକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିଲେ।

## ଉଦ୍ୟାନ ବିଭାଗ ଅଧିଦର୍ଶକଙ୍କ ବଦଳି

ଅସ୍ତରଙ୍ଗ, ୬।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଉଦ୍ୟାନ ବିଭାଗର ଅଧିଦର୍ଶକ (ଓଭରସିଅର) ଅଶୋକ କୁମାର ଜେନାଙ୍କୁ ଗତ ୨ତାରିଖରୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଏ ପର୍ଯ୍ୟନ୍ତ ନୂତନ ଅଧିକାରୀ କାର୍ଯ୍ୟରେ ଯୋଗଦେଇନାହାନ୍ତି। ଫଳରେ କାର୍ଯ୍ୟ ବ୍ୟାହତ ହେଉଛି। ନୂତନ ଅଧିକାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# କୁମ୍ଭକାରଙ୍କ କୁରାଳ ପଞ୍ଚମୀ ପର୍ବ ଆରମ୍ଭ

ସାକ୍ଷୀଗୋପାଳ, ୬।୧୨
(ଭରତ ରାଉତ)



ମାର୍ଗଶିର ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଶୁକ୍ରବାରଠାରୁ ସତ୍ୟବାଦୀ ଅଞ୍ଚଳରେ କୁମ୍ଭକାରଙ୍କ ବଡ଼ ପର୍ବ କୁରାଳ ପଞ୍ଚମୀ ଆରମ୍ଭ ହୋଇଛି। ପରଜାପଡ଼ା, ପାରକେଣା, ଭୀମଦାସପୁର, କେତକୀପାଟଣା, ଜୟପୁର, ଶ୍ରୀରାମଚନ୍ଦ୍ରପୁର, ପୋଡଙ୍ଗ ସାହି, ଗୁଆଳିପାରି ଆଦି ଗ୍ରାମରେ ବସବାସ କରୁଥିବା କୁମ୍ଭକାର ସମ୍ପ୍ରଦାୟ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରୁଛନ୍ତି। ନରେନ୍ଦ୍ରପୁର ପଞ୍ଚାୟତର ବୁଧେଇ ଗ୍ରାମରେ ଥିବା କୁମ୍ଭାର ବସ୍ତିରେ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିଛନ୍ତି। ପରମ୍ପରା ଅନୁଯାୟୀ, କୁମ୍ଭକାରମାନେ ପାଞ୍ଚଦିନ ଧରି ଏହି ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରିବା ସହ ହାଣ୍ଡିଗଢ଼ା ବନ୍ଦ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ କୁମ୍ଭକାରମାନେ ପ୍ରତ୍ୟହ ନିଜର କୌଳିକ ବୃତ୍ତିରୁ ନିବୃତ୍ତ ରହିବା ସହ ଇଷ୍ଟଦେବୀଦେବଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। ପାଞ୍ଚଦିନ ଧରି ଏହି ପର୍ବରେ ପଞ୍ଚମୀରେ ସାଦା ଅନ୍ନ, ଷଷ୍ଠୀରେ ପିଠାପଣା, ସପ୍ତମୀରେ ଦହି ପଖାଳ, ଅଷ୍ଟମୀରେ ଖେଚୁଡ଼ି, ନବମୀରେ ଚକୁଳିପିଠା ଭୋଗ ଅର୍ପଣ କରାଯାଇ ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କ ବିସର୍ଜନ କରାଯାଇଥାଏ। ପୂଜକ ସନ୍ତୋଷ କୁମାର ପଣ୍ଡାଙ୍କ ଦ୍ୱାରା ଯଥାରୀତି ପୂଜାର୍ଚ୍ଚନା କରାଯାଇଥିବାବେଳେ ଏଥିରେ କର୍ତ୍ତା ଭାବେ ସୁବାସ ମୁଦୁଲି କାର୍ଯ୍ୟ ତୁଲାଇଛନ୍ତି। କୁମ୍ଭକାର ବସ୍ତିରୁ ନୀଳକଣ୍ଠ ମୁଦୁଲି, ପ୍ରଭାକର ମୁଦୁଲି, ସୁରିଆ ମୁଦୁଲି, ମନା ମୁଦୁଲି, ମଦନ ମୁଦୁଲି, ଅଭି ମୁଦୁଲି, ଚନ୍ଦ୍ରମଣି ମୁଦୁଲି, ଶରତ ମୁଦୁଲି ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ପୁରୀ ମହାବୀରକୁ ହରାଇ ଭୁବନେଶ୍ୱର ମୁକ୍ତେଶ୍ୱର ଫାଇନାଲରେ

ନିମାପଡ଼ା,୬।୧୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ନିମାପଡ଼ା ବାରବାଟୀ କପ୍ ଓ ଚତୁର୍ଥଟୁଲୁ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ସେମିଫାଇନାଲ ମ୍ୟାଚ୍‌ରେ ପୁରୀ ମହାବୀର ସ୍ପୋର୍ଟିଂକୁ ପରାସ୍ତକରି ଭୁବନେଶ୍ୱର ମୁକ୍ତେଶ୍ୱର କ୍ଲବ୍ ବିଜୟ ହାସଲକରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂକରି ଭୁବନେଶ୍ୱର ମୁକ୍ତେଶ୍ୱର ଦଳ ନିର୍ଦ୍ଧାରିତ ୨୫ ଓଭର ଖେଳି ୯ ଉଇକେଟ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନୁରାଗ ଷଡ଼ଙ୍ଗୀ ସର୍ବାଧିକ ୫୮ ରନ୍, ପୋପେସ ଭୂୟାଁ ୩୭ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ମହାବୀର କ୍ଲବ ପୁରୀର ବୋଲର ଅନୀଲ ପ୍ରଧାନ ୩ଟି, ରଘୁ ଶର୍ମା ଓ ଲାଲୁ ମହାନ୍ତି ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ପୁରୀ ମହାବୀର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୪୮ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଚନ୍ଦନ ଜେନା ସର୍ବାଧିକ ୫୪ ରନ୍, ପଦ୍ମଲୋଚନ ପଣ୍ଡା ୨୩ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ମୁକ୍ତେଶ୍ୱର ଦଳର ବୋଲର ଆଶୁତୋଷ ରାୟ ୩ଟି, ମିନାଲ ପରିଡ଼ା ୨ଟି ଉଇକେଟ ନେଇଥିଲେ। ଅମ୍ପାୟର ଭାବେ ନିର୍ମଳ ମିଶ୍ର ଓ ଅୟସକାନ୍ତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍‌ରେ ମୁକ୍ତେଶ୍ୱର ଦଳର ଆଶୁତୋଷ ରାୟ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଆଜିର ମ୍ୟାଚ୍‌ରେ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ସୁବ୍ରତ ଛାଟୋଇ, ପୂର୍ବତନ କାଉନସିଲର ଅରୁଣ ପ୍ରସାଦ ଦାଶ, ବିଶିଷ୍ଟ ବ୍ୟବସାୟୀ ଲୋକନାଥ ସାହୁ ଯୋଗଦେଇ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟର ଗ୍ରାଣ୍ଡ ଫିନାଲେ ମ୍ୟାଚ୍ ଆସନ୍ତା ରବିବାର କଟକ ନିମପୁର ଓ ଭୁବନେଶ୍ୱର ମୁକ୍ତେଶ୍ୱର କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ।





ଅତିଥିମାନେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

**ରାଜ୍ୟସ୍ତରୀୟ ନିମାପଡ଼ା ବାରବାଟୀ କପ୍ କ୍ରିକେଟ**

# 'ଭାଷା ହିଁ ଗୋଟିଏ ଜାତିର ଅସ୍ମିତାର ପରିଚୟ'

କୋଣାର୍କ,୬।୧୨(ଜ୍ୟୋତିରାଜ ମହାନ୍ତି)



ସାହିତ୍ୟ ଆସରରେ ଯୋଗଦେଇଥିବା ଅତିଥିବୃନ୍ଦ ।

'ଭାଷା ହିଁ ଓଡ଼ିଆ ଜାତିର ଅସ୍ମିତାର ପରିଚାୟକ' ବୋଲି ବିଶିଷ୍ଟ ବିଦ୍ୱାନ୍‌ମାନେ କୋଣାର୍କ ଉତ୍ସବ ଅବସରରେ ଆୟୋଜିତ 'କୋଣାର୍କ ସାହିତ୍ୟ ଆସର'ରେ ମତବ୍ୟକ୍ତ କରିଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ କୋଣାର୍କ ସାହିତ୍ୟ ଆସର-୨୦୨୪ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ସବିତା ପ୍ରଧାନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ଡ. ଆଦିକନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଚୀ ସଂସ୍କୃତିର ଗବେଷକ ଡ. ତ୍ରିନାଥ ପଟ୍ଟନାୟକ, ଡ. ସୁଜାତା ମହାପାତ୍ର ଓ ସ୍ତମ୍ଭକାର ଲଳିତେନ୍ଦୁ ପଲାଉରୀ ଯୋଗଦେଇ 'ଭାଷା ଓ ଅସ୍ମିତା' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୀତା ପ୍ରଧାନ ଓଡ଼ିଆ ଭାଷା ବିକାଶର ବିଜ୍ଞାନଭିତ୍ତିକ ଦିଗ ସମ୍ପର୍କରେ ଏବଂ ପ୍ର. ଆଦିକନ୍ଦ ସାହୁ ଓଡ଼ିଆ ଜାତିର ଅସ୍ମିତାର ସୁରକ୍ଷା କ୍ଷେତ୍ରରେ ସମ୍ପ୍ରତି ମାତୃଭାଷା ଓଡ଼ିଆକୁ ରାଜଭାଷା ରୂପେ ବ୍ୟବହାର କରିବା ଦିଗରେ ପ୍ରଶାସନିକ କଳର ଉଦାସୀନତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ସମାଜର ତୃଣମୂଳସ୍ତରରୁ ଓଡ଼ିଆ ଭାଷାର ଶୁଦ୍ଧ ବ୍ୟବହାରକୁ ସୁନିଶ୍ଚିତ କରିବା ପ୍ରତ୍ୟେକ ଓଡ଼ିଆଙ୍କର ଧ୍ୟେୟ ହେବା ଉଚିତ ବୋଲି ଡ. ତ୍ରିନାଥ ପଟ୍ଟନାୟକ ମତପୋଷଣ କରିଥିଲେ। କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ଆସରରେ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଏହି ଅବସରରେ ସାହିତ୍ୟ 'ଧରମା'ର ସପ୍ତମ ସଂଖ୍ୟାକୁ ଅତିଥିମାନେ ଲୋକାର୍ପଣ କରିଥିଲେ।

ଚଳିତବର୍ଷ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ବରିଷ୍ଠ ସାହିତ୍ୟିକ ଡ. ଆଦିକନ୍ଦ ସାହୁଙ୍କୁ 'କୋଣାର୍କ ସାହିତ୍ୟ ସମ୍ମାନ', ଡ. ତ୍ରିନାଥ ପଟ୍ଟନାୟକଙ୍କୁ 'ଅର୍କପ୍ରଜ୍ଞା ସମ୍ମାନ', ନୃତ୍ୟବିଦୁଷୀ ଡ. ସୁଜାତା ମହାପାତ୍ରଙ୍କୁ 'କୋଣାର୍କ ଉତ୍ସବ ସମ୍ମାନ', ସ୍ତମ୍ଭକାର ଲଳିତେନ୍ଦୁ ପଲାଉରୀଙ୍କୁ 'ଖବରଦାତା ସଂଗ୍ରାମ ସ୍ମୃତି ସମ୍ମାନ', ସାହିତ୍ୟିକ କୃପାସିନ୍ଧୁ ବିଶ୍ୱାଳଙ୍କୁ 'ଲେଖକ ବଳରାମ ମିଶ୍ର ସ୍ମୃତି ସମ୍ମାନ', କଣ୍ଠଶିଳ୍ପୀ ଗଗନ ବିହାରୀ ସ୍ୱାଇଁଙ୍କୁ 'ଅର୍କସ୍ୱର ସମ୍ମାନ', ଶିକ୍ଷୟିତ୍ରୀ ଲତିକା ମହାପାତ୍ରଙ୍କୁ 'ମା' ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ', ଡକ୍ଟର ସୁଚିତ୍ରା ରଥଙ୍କୁ 'ଅର୍କସୁଧା ସମ୍ମାନ' ଓ ଅଗ୍ନିଶମ ଅଧିକାରୀ ଜ୍ୟୋତି ପ୍ରକାଶ ରଥଙ୍କୁ 'କୋଣାର୍କ ସେବା ସମ୍ମାନ' ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଥମ ଅଧିବେଶନରେ ଅନୁଷ୍ଠିତ ଆଲୋଚନା, ପୁସ୍ତକ ଲୋକାର୍ପଣ ଓ ସାରସ୍ୱତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଓ ଅଧ୍ୟାପିକା ଡ. ସରୋଜିନୀ ପାଣି। ଦ୍ୱିତୀୟ ଅଧିବେଶନରେ ଶିଶୁ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ଓ ଗଳ୍ପ ପଠନ କାର୍ଯ୍ୟକ୍ରମରେ ଅତିଥି ଭାବେ କବି ରକ୍ଷକ ନାୟକ, କବି ଉମାକାନ୍ତ ମହାପାତ୍ର ଓ କବି ଭଗବାନ ସାହୁ ଯୋଗଦେଇଥିଲେ। କବି ମହେନ୍ଦ୍ର କୁମାର ଦାଶ ଓ କବୟିତ୍ରୀ କଳ୍ପନା ମିଶ୍ରଙ୍କ ସଂଯୋଜନାରେ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ଶତାଧିକ କବି ଓ ଗାଳ୍ପିକ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ। ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**କୋଣାର୍କ ସାହିତ୍ୟ ଆସର -୨୦୨୪**

# ସହରବାସୀଙ୍କୁ କଲବଲ କରୁଛି ମଶା

## ୭୦ ଛୁଇଁଲା ସାନ୍ଦ୍ରତା, ଆହୁରି ବଢ଼ିବା ଆଶଙ୍କା

ଭୁବନେଶ୍ୱର, ୬।୧୨ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ମଶାଙ୍କ ପ୍ରାଦୁର୍ଭାବ ସହରବାସୀଙ୍କୁ କଲବଲ କରୁଛି। ମଶାପଲ ସହରସାରା ଭଣଭଣ ହେବା ସହ କାମୁଡ଼ି ଫୁଲାଇ ଦେଉଛନ୍ତି। ଦିନ ହେଉ କି ରାତି, ଘରେ ବାହାରେ ସବୁଠି ଶାନ୍ତିରେ ଶୋଇବସି ପାରୁନାହାନ୍ତି ସହରବାସୀ। ମଶାଧୂପ କିମ୍ବା ବଜାରରେ ମିଳୁଥିବା ବିଭିନ୍ନ ସ୍ପ୍ରେ କିଛି ବି କାମ କରୁନି। ଦିନକୁ ଦିନ ମଶାଙ୍କ ସାନ୍ଦ୍ରତା ବଢି ଚାଲିଥିବାବେଳେ ବିଏମ୍‌ସି ହାତବାନ୍ଧି ବସିଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଗତବର୍ଷ ଡିସେମ୍ବର ଆରମ୍ଭରେ ମଶା ସାନ୍ଦ୍ରତା ୬୭ ରହିଥିବାବେଳେ ମାସଶେଷ ବେଳକୁ ୧୩୦ ଛୁଇଁଥିଲା। ତେବେ ଚଳିତବର୍ଷ ଡିସେମ୍ବର ଆରମ୍ଭରୁ ମଶା ସାନ୍ଦ୍ରତା ୭୦ ଛୁଇଁଥିବାବେଳେ ମାସ ଶେଷ ବେଳକୁ ଏହା କେତେ ବଢିବ ତାହାର ଆକଳନ କରିବା କଷ୍ଟକର ହୋଇପଡିଲାଣି। ତେଣୁ ଏବର୍ଷ ସେହି ସମାନ ସ୍ଥିତି ଉପୁଜିବ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସାଧାରଣତଃ ମଶାଙ୍କ ସାନ୍ଦ୍ରତା (ଟେନ୍ ମେନ୍ ଆୱାର୍ସ ପର୍ ଡେ) ୫୦ରୁ ତଳକୁ ରହିଲେ ଏହାକୁ ସାଧାରଣ ବୋଲି ବିବେଚନା କରାଯାଏ। ମାତ୍ର ସରକାରୀ ତଥ୍ୟ ଅନୁଯାୟୀ, ଏବେ ସାନ୍ଦ୍ରତା ୭୦କୁ ବୃଦ୍ଧି ପାଇଥିବାବେଳେ ବିଏମ୍‌ସି ପକ୍ଷରୁ ଏହାକୁ ରୋକିବା ଲାଗି କୌଣସି ବ୍ୟବସ୍ଥା କରାଯାଉ ନାହିଁ। ଓଲଟା ବିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଏହି ମଶା ଲୋକଙ୍କର କୌଣସି କ୍ଷତି କରିବ ନାହିଁ କିମ୍ବା ରୋଗ ସୃଷ୍ଟିର କାରଣ ହେବନାହିଁ ବୋଲି ଅଦ୍ଭୁତ ଯୁକ୍ତି ବାଢୁଛନ୍ତି। ବିଶେଷଜ୍ଞଙ୍କ ମତରେ, ଡ୍ରେନ୍ ଓ ନାଳ ପାଣିରେ କ୍ୟୁଲେକ୍ସ ମଶା ଜନ୍ମ ନେଇଥାନ୍ତି। ସାଧାରଣତଃ ଅକ୍ଟୋବରରୁ ମଶାଙ୍କ ପ୍ରଜନନ ସମୟ ଆରମ୍ଭ ହୋଇ ଜାନୁଆରୀ ପର୍ଯ୍ୟନ୍ତ ଜାରି ରହିଥାଏ। ତେଣୁ ଏହି ସମୟରେ ଲାର୍ଭା ନଷ୍ଟକଲେ ମଶା ନିୟନ୍ତ୍ରଣ ସମ୍ଭବ। ମାତ୍ର ସହର ଭିତରେ ରହିଥିବା ଡ୍ରେନ୍, ପ୍ରାକୃତି ନାଳ ଆଦିକୁ ନିୟମିତ ସଫା କରାଯାଉ ନାହିଁ। ଫଳରେ ସ୍ଥିର ପାଣିରେ ମଶା ଅଣ୍ଡା ଦେବା ସହିତ ବଂଶ ବିସ୍ତାର ହେଉଛି। ମଶା ଲାର୍ଭା ନଷ୍ଟ କରିବାରେ ସମ୍ପୂର୍ଣ୍ଣ ବିଫଳ ହେବା ପରେ ଏବେ କେବଳ କାଗଜକଲମରେ ଫଗିଂ କରୁଥିବା ଦର୍ଶାଉଛି।



### ମଶା ସାନ୍ଦ୍ରତା କ'ଣ?

ନ୍ୟାଶନାଲ ସେଣ୍ଟର ଫର୍ ଭେକ୍ଟର ବର୍ନ ଡିଜିଜ୍ କଣ୍ଟ୍ରୋଲ (ଏନ୍‌ସିଭିବିଡିସି) ସେଲ୍ ପକ୍ଷରୁ ମଶାଙ୍କ ସାନ୍ଦ୍ରତା ସର୍ଭେ କରାଯାଏ। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଜଣେ ବ୍ୟକ୍ତି ୧ଘଣ୍ଟା ଧରି ବସି ରହିବେ। ସେହି ସମୟରେ ସେ ଯେତିକି ମଶା ସଂସ୍ପର୍ଶରେ ଆସିବେ ତାହାର ଦଶଗୁଣକୁ ମଶାର ସାନ୍ଦ୍ରତା ଭାବେ ମାପ କରାଯାଏ। ଅର୍ଥାତ୍ ଜଣେ ବ୍ୟକ୍ତି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ୭ଟି ମଶା ସଂସ୍ପର୍ଶରେ ଆସିଲେ ବା ମଶା ତାଙ୍କୁ କାମୁଡିଲେ, ତାହାର ୧୦ଗୁଣ ଅର୍ଥାତ୍ ୭୦କୁ ମଶା ସାନ୍ଦ୍ରତା ଭାବେ ବିବେଚନା କରାଯାଇଥାଏ।

### ଅଧିକାରୀଙ୍କ ଅଜବ ଯୁକ୍ତି

## କାମୁଡିବେ, ଅସ୍ତବ୍ୟସ୍ତ କରିବେ ; ବେମାର ହବ ନାହିଁ

ବିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୀପକ ବିଶୋଇ କହିଛନ୍ତି, ଏବେ ଦେଖାଯାଉଥିବା ମଶା ଲୋକଙ୍କୁ କାମୁଡିବେ, ଅସ୍ତବ୍ୟସ୍ତ କରିବେ। ମାତ୍ର ବେମାର କରିବାର କ୍ଷମତା ତାଙ୍କ ପାଖରେ ନ ନାହିଁ। ମଶା ଦାଉରୁ ରକ୍ଷା ପାଇବା ପାଇଁ ବିଏମ୍‌ସି ପକ୍ଷରୁ ପ୍ରତି ୱାର୍ଡରେ ନିୟମିତ ଭାବେ ଫଗିଂ କରାଯାଉଛି। ମଶାଧୂଆଁ ଦେବା ପାଇଁ ୩ ଜୋନ୍‌ରେ ୫ଟି ଲେଖାଏ ମୋଟ୍ ୧୫ଟି ଟିଫା ମେଶିନ ରହିଛି। ପ୍ରତି ଗାଡ଼ିରେ ଜଣେ ଅପରେଟର ଓ ଡ୍ରାଇଭର ରହିଛନ୍ତି। ସମ୍ପୃକ୍ତ ୱାର୍ଡର କର୍ପୋରେଟର କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦିନକୁ ୧୫ଟି ୱାର୍ଡରେ ବୁଲି ଧୂଆଁ ଦିଆଯାଉଛି। ସେହିପରି ମଶା ବଂଶ ରୋକିବା ପାଇଁ ମସ୍କ୍ୟୁଟୋ ଲାର୍ଭିସାଇଡର୍ ଅଏଲ୍ (ଏମ୍‌ଏଲ୍‌ଓ) ସିଞ୍ଚନ କରାଯାଉଛି। ଚଳିତ ଜୁନ୍‌ରୁ ଆରମ୍ଭ ହୋଇଥିବା ମଶାଧୂଆଁ ସ୍ପ୍ରେ ଜାନୁଆରୀ ଶେଷ ଯାଏ ଏହା ଚାଲୁ ରହିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି।

## ବିଏମ୍‌ସି ଅଛି ବୋଲି ଜଣାପଡୁନି

ସତ୍ୟନଗର ବାସିନ୍ଦା ସରୋଜ ମହାକୁଡ କହିଛନ୍ତି, ଘର ଭିତରେ ମଶାଧୂପ ଦେଇ ବି ବସି ହେଉନି। ଆଉ ବାରଣ୍ଡାକୁ ଯିବାମାତ୍ରେ ମହୁଫେଣାରେ ମହୁମାଛି ଲାଗିବା ଭଳି ଦେହମୁଣ୍ଡକୁ ମଶା କାମୁଡି ପକାଉଛନ୍ତି। ବିଏମ୍‌ସି ପକ୍ଷରୁ ମଶାଧୂଆଁ ଦିଆଯାଉଥିବା ଏଯାଏ ମୁଁ ଦେଖିନି। ତେଣୁ ସହରର ସମସ୍ୟା ସମାଧାନ ପାଇଁ ବିଏମ୍‌ସି ଅଛି ବୋଲି ମୋର ମନେ ହେଉନାହିଁ। ସେହିପରି ବାପୁଜୀ ନଗର ଅଞ୍ଚଳରେ ରହୁଥିବା ବିଶ୍ୱନାଥ ବେହେରା କହିଛନ୍ତି, ସନ୍ଧ୍ୟାହେଲେ ମୋ ଛୋଟ ଝିଅକୁ ବାରଣ୍ଡାକୁ ନେବାକୁ ଡର ଲାଗୁଛି। ଘର ଭିତରେ ମଶାରି ଟାଣି ତାକୁ ଖେଳିବାକୁ ଛାଡୁଛି। ମଶା କାମୁଡି ଅସ୍ତବ୍ୟସ୍ତ କରୁଥିବାବେଳେ ବିଏମ୍‌ସି ପକ୍ଷରୁ କିଛି ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ସେ କହିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେପକାଇବା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି



ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ସମାରୋହରେ ମଞ୍ଚାସୀନ ଅତିଥିମାନେ।

### ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ସମାରୋହ

ଖୋର୍ଦ୍ଧା, ୬।୧୨ (ପ୍ରଭାତ ପାଣିଗ୍ରାହୀ)

ଜୟୀ ରାଜଗୁରୁ ବଳିଦାନ, ତ୍ୟାଗ ପାଇଁ ଏ ଜାତିର ସର୍ବଦା ନମସ୍ୟ। ଦେଶ ପାଇଁ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ଇତିହାସରେ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ। ଓଡ଼ିଶାରେ ଭାଜପା ସରକାର ଆସିବା ପରେ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଜାତିର ଗୌରବମୟ ଇତିହାସର ପୁନଃଲିଖନ ପାଇଁ ସରକାର ଓଡ଼ିଆ ଅସ୍ମିତା ବିଭାଗ ଗଠନ କରିଛନ୍ତି। ଦେଶମାତୃକା ପାଇଁ ବଳିଦାନ ଦେଇଥିବା ମହାପୁରୁଷମାନେ ନମସ୍ୟ। ସ୍ୱାଧୀନତା ସଂଗ୍ରାମୀଙ୍କ ଇତିହାସକୁ ଯୁବପିଢ଼ି ଅଧ୍ୟୟନ କରିବା ଆବଶ୍ୟକ ବୋଲି ଶୁକ୍ରବାର ଜୟୀ ରାଜଗୁରୁ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଜୟୀ ରାଜଗୁରୁ ଭବନ(ଟାଉନ ହଲ୍)ରେ ଶହୀଦ ଜୟୀ ରାଜଗୁରୁଙ୍କ ୨୧୯ତମ ରାଜ୍ୟସ୍ତରୀୟ ବଳିଦାନ ଦିବସ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଐତିହାସିକ ପ୍ରଫେସର ପ୍ରସନ୍ନ କୁମାର ଜେନା ସଭାପତିତ୍ୱ କରିଥିଲେ। ମନ୍ତ୍ରୀ ପୂଜାରୀ ଆହୁରି କହିଥିଲେ, ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ, ବଳିଦାନ ଦିବସ ପାଳନ ସେମାନଙ୍କ ପାଇଁ ସର୍ବଶ୍ରେଷ୍ଠ ସମ୍ମାନ ହେବ। ସମସ୍ତ ବିପ୍ଳବୀଙ୍କ ଉତ୍ସବ ଏଦେଶର ଗୌରବମୟ ଇତିହାସକୁ ମନେପକାଇବାର ସୁଯୋଗ ମିଳିଥାଏ। ମୁଖ୍ୟ ବକ୍ତା ରାଜ୍ୟ ଭାଜପା ମୁଖ୍ୟ ମୁଖପାତ୍ର ସଜ୍ଜନ କୁମାର ଶର୍ମା କହିଥିଲେ, ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଜୟୀ ରାଜଗୁରୁଙ୍କ ସ୍ଥାନ ସ୍ୱତନ୍ତ୍ର। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଖୋର୍ଦ୍ଧାର ଗୌରବମୟ ଇତିହାସ, ପାଇକ ବିଦ୍ରୋହ ବୀରତ୍ୱ ଗାଥା ସମ୍ପର୍କରେ କହିଥିଲେ। ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଜୟୀଙ୍କ ନାମରେ ଡାକଟିକଟ ପାଇଁ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ମନୋଜ କୁମାର ଭଞ୍ଜ ଓ ଚିନ୍ତାମଣି ମିଶ୍ରଙ୍କୁ ମରଣୋତ୍ତର ଏବଂ ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଜୟୀ ରାଜଗୁରୁ ସମ୍ମାନରେ ଉପଢୌକନ, ମାନପତ୍ର, ଗୀତାବହି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତି ସଂସଦ ସଭାପତି ଡ. ଧୀରେନ୍ଦ୍ର ନନ୍ଦ ଅତିଥି ପରିଚୟ ଏବଂ ସମ୍ପାଦକ ଶକ୍ତିଶଙ୍କର ମିଶ୍ର ବିବରଣୀ ପାଠ କରିଥିଲେ। ସୁଜିତ ମିଶ୍ର ମାନପତ୍ର ପଠନ ଏବଂ ପ୍ରଭାତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ନିରନ୍ତର ଶିକ୍ଷା ହିଁ ସଫଳତାର ଚାବିକାଠି

### ବିଜିୟୁର ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର, ୬।୧୨ (ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ୭ମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଗୋଠପାଟଣାସ୍ଥିତ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବୋର୍ଡ ଅଫ୍ ଗଭର୍ନର୍ସର ସଦସ୍ୟ ଡ. ପିକେ ମିଶ୍ର ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଜେଏମ୍ ଫାଇନାନ୍‌ସିଆଲ ଲିଃର ପରିଚାଳନା ନିର୍ଦ୍ଦେଶକ (ଡିଜିଟାଲ ଟେକ୍ନୋଲୋଜି -ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍) ମୁଖ୍ୟ ଅଭିଷେକ ଭଗତ ଅତିଥି ଭାବେ ଯୋଗଦେଇ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରିଥିଲେ। ସେ କହିଲେ, ଅନିଶ୍ଚିତତା ଏକ ଆହ୍ୱାନ ନୁହେଁ ବରଂ ଏକ ସୁଯୋଗ। ଅନଭିଜ୍ଞତାକୁ ଦୁର୍ବଳତା ନୁହେଁ, ଏକ ନୂତନ ସମ୍ଭାବନା ରୂପେ ଦେଖିବାକୁ ସେ ସ୍ନାତକ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଶିକ୍ଷାର କଦାପି ଅନ୍ତ ହୁଏ ନାହିଁ। ନିରନ୍ତର ଭାବେ ନୂତନ କୌଶଳକୁ ଆପଣାଇବା ହିଁ ସଫଳତାର ଚାବିକାଠି। ବିଜିୟୁ କୁଳପତି କୁଳଭୂଷଣ ବାଲୁନି ବାର୍ଷିକ ବିବରଣୀ ପାଠ କରିବା ସହ ବିଜିୟୁର କ୍ରମାଗତ ସଫଳତାକୁ ଦର୍ଶାଇଥିଲେ। ରେଜିଷ୍ଟ୍ରାର ବି. କେ. ଦାସ ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ୨୪୦ଜଣ ସ୍ନାତକୋତ୍ତର ଏବଂ ୧୮୯ଜଣ ସ୍ନାତକ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗରେ ଟପ୍ପର ହୋଇଥିବା ୧୯ଜଣ ଛାତ୍ରୀଛାତ୍ରଙ୍କୁ ଗୋଲ୍ଡ ମେଡାଲ ଓ ୫ ଜଣ ପିଏଚ୍‌ଡି ଗବେଷକଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଜିୟୁ ପକ୍ଷରୁ ଆଲୁମ୍‌ନି ମିଟ୍ ଅନୁଷ୍ଠିତ ହୋଇଥିବାବେଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।





ବିଜିୟୁର ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।





ଲୟୋଲା ସ୍କୁଲରେ ଅନୁଷ୍ଠିତ ଜୁନିୟର ପାରେଣ୍ଟସ୍ ନାଇଟ୍‌ରେ ପିଲାମାନେ ବିଭିନ୍ନ ବେଶରେ ନୃତ୍ୟ ପ୍ରଦର୍ଶନ ସହ ସଚେତନତା ବାର୍ତ୍ତା ଦେଉଛନ୍ତି।

# ଲୟୋଲା ସ୍କୁଲର ଜୁନିୟର ପାରେଣ୍ଟସ୍ ନାଇଟ୍

ଭୁବନେଶ୍ୱର, ୬।୧୨ (ଅନୁରାଧା ମହାରଣା)

ଜାଭିୟରରୋଡ୍‌ସ୍ଥିତ ଲୟୋଲା ସ୍କୁଲ ପକ୍ଷରୁ ଶୁକ୍ରବାର ଜୁନିୟର ପାରେଣ୍ଟସ୍ ନାଇଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସହ ଅଧ୍ୟକ୍ଷା ନନ୍ଦିତା ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇଥିଲେ। ଏଲ୍‌କେଜି ଛାତ୍ରୀଛାତ୍ର 'ରିଭର ଅଫ୍ ଲଭ୍' ପ୍ରଦର୍ଶନ କରିଥିବାବେଳେ ୟୁକେଜି ଛାତ୍ରୀଛାତ୍ର 'ନୋ ହାସ୍ ଆର୍କ ଏବଂ ଡ୍ରିମ୍ ଟୁ ସାଇନ୍ ଲାଇକ୍ ଡାଇମଣ୍ଡ' ପରିବେଷଣ କରିଥିଲେ। ପ୍ରଥମ ଶ୍ରେଣୀର ପିଲାମାନେ 'ମୋବାଇଲ୍ ମାନିଆ' ମାଧ୍ୟମରେ ମୋବାଇଲର ଦୁରୁପୋଯୋଗ ସମ୍ପର୍କରେ ସଚେତନ କରାଇଥିଲେ। ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ 'ଏକତା ବା ସମର୍ଥ' ବେଶ୍ ମନଛୁଆଁ ହୋଇଥିଲା। ଏହାପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ପିଲାମାନେ ଯଥାକ୍ରମେ 'ଦ କଲର୍ସ ଅଫ୍ ଚାଇଲ୍ଡହୁଡ୍' ଏବଂ 'ଏ ଟ୍ରିବ୍ୟୁଟ୍ ଟୁ ଇଣ୍ଡିଆନ୍ ଡିଫେନ୍ସ' ପ୍ରଦର୍ଶନ କରିଥିଲେ। ପଞ୍ଚମ ଶ୍ରେଣୀର ପିଲାମାନେ 'ବନ୍ଦେ ଉତ୍କଳ ଜନନୀ' ମାଧ୍ୟମରେ ପ୍ରତିଭା ଦେଖାଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଫାଦର୍ ଏ ଅମଲାଦୋଶ୍ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରେକ୍ଟର ଫାଦର ଅଗଷ୍ଟିନ୍ ଏଜାକୁନେଲ ଏବଂ ଜୁନିୟର୍ ସେକ୍ସନର ସହ ଅଧ୍ୟକ୍ଷା ଏସ୍ଥର ଟପୋ ମଧ୍ୟ ଉପସ୍ଥିତ ଥିଲେ। ଶନିବାର ସିନିୟର୍ ପାରେଣ୍ଟସ୍ ନାଇଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍କୁଲ ପକ୍ଷରୁ ସୂଚନା ଦିଆଯାଇଛି।



# ବର୍ଷବ୍ୟାପୀ ପାଳନ ହେବ ସିପିଆଇର ଶତାବାର୍ଷିକୀ





ଭୁବନେଶ୍ୱର, ୬।୧୨ (ବନ୍ଦନା ସେଠୀ)

### ଆଜି ରାଜ୍ୟ ପରିଷଦ ବୈଠକ

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ପ୍ରତିଷ୍ଠା ଶତବାର୍ଷିକୀ ୨୦୨୪ ଡିସେମ୍ବର ୨୬ରୁ ୨୦୨୫ ଡିସେମ୍ବର ୨୬ ପର୍ଯ୍ୟନ୍ତ ପାଳନ ହେବ। ଦେଶବାସୀଙ୍କ ଅଧିକାର, ଶୋଷଣରୁ ମୁକ୍ତି ପାଇଁ ଦଳର ତ୍ୟାଗ, ସମାଜର ପରିବର୍ତ୍ତନ ପାଇଁ ଭିତ୍ତି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗାଁ, ବସ୍ତି, ସହର ସର୍ବବ୍ୟାପୀ ସଙ୍ଗଠନକୁ ମଜ୍‌ଭୁତ କରାଯିବ। ଭଗବତୀ ଭବନଠାରେ ଶୁକ୍ରବାର ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି।

ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବା ସାହେବ ଡ. ଭୀମ୍‌ରାଓ ଆମ୍ବେଡକରଙ୍କ ସ୍ମୃତି ଦିବସ ପାଳନ କରାଯାଇଥିଲା। ଏହାପରେ ଡ. ପ୍ରଶାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାର୍ଟିର ରାଜ୍ୟ ସମ୍ପାଦକ କମ୍ରେଡ୍ ଆଶିଷ କାନୁନ୍‌ଗୋ ବିବରଣୀ ଉପସ୍ଥାପନ କରିଥିଲେ। ରାଜ୍ୟରେ ଡବଲ ଇଞ୍ଜିନ ସରକାର ସମସ୍ତ ଆବଶ୍ୟକ ସାମଗ୍ରୀର ଦର ବୃଦ୍ଧି କରି ଜନଗଣଙ୍କୁ ଦୁଇଗୁଣା ଶୋଷଣ ବିରୋଧରେ ଡିସେମ୍ବର ୧୦ରେ ଦେଶବ୍ୟାପୀ ପ୍ରତିବାଦ ଆନ୍ଦୋଳନ କରାଯିବା ନେଇ ସୂଚନା ଦେଇଥିଲେ। ଏଥିସହ ଶତବାର୍ଷିକୀ ପାଇଁ ରାଜ୍ୟସ୍ତରୀୟ ଉଦ୍‌ଘାଟନ ଉତ୍ସବ କଟକରେ ମହା ସମାରୋହରେ ପାଳନ ପାଇଁ କାର୍ଯ୍ୟକ୍ରମରେ ପ୍ରସ୍ତାବ ଆଗତ ହୋଇଥିଲା। ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂଦେଓ, ବରିଷ୍ଠ ସମ୍ପାଦକମଣ୍ଡଳୀ ସଦସ୍ୟ ଅଶୋକ ଦାଶ, ଜୟନ୍ତ ଦାସ, ଏନ୍. ନାରାୟଣ ରେଡ୍ଡୀ, ବିଜୟ ଜେନା, ସୁର ଜେନା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଉପରେ ଆଲୋକପାତ କରିଥିଲେ। ସେହିପରି ଶନିବାର ରାଜ୍ୟ ପରିଷଦ ବୈଠକ ଅନୁଷ୍ଠିତ ହେବ ବୋଲି ସିପିଆଇ ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଚିନ୍ମୟୀ ଚାନ୍ଦଙ୍କ ପୁସ୍ତକ 'ଅଭିସାରିକା' ଉନ୍ମୋଚିତ





ଚିନ୍ମୟୀ ଚାନ୍ଦଙ୍କ ପୁସ୍ତକ 'ଅଭିସାରିକା' ଉନ୍ମୋଚନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

ଭୁବନେଶ୍ୱର, ୬।୧୨ (ବନ୍ଦନା ସେଠୀ)

କଳ୍ପନା ସାହିତ୍ୟ, ସଂସ୍କୃତି ଓ ସାମାଜିକ ପରିଷଦର ୨୪ତମ ବାର୍ଷିକ ଉତ୍ସବ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚିନ୍ମୟୀ ଚାନ୍ଦଙ୍କ ପୁସ୍ତକ 'ଅଭିସାରିକା' ଉନ୍ମୋଚିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜର ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା. ରବି ନାରାୟଣ ପଣ୍ଡା, ଔପନ୍ୟାସିକ ପର୍ଶୁରାମ ପଣ୍ଡା, କେଶବ ଚନ୍ଦ୍ର ରାଉତ, ସାମାଜିକ କର୍ମୀ ଶଶଧର ପଣ୍ଡା ପ୍ରମୁଖ ଲେଖିକାଙ୍କୁ ଅଭିନନ୍ଦନ ଜଣାଇଥିଲେ। ପୂର୍ବୀ ପ୍ରକାଶନୀର ପ୍ରକାଶକ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ ପୁସ୍ତକର ସମୀକ୍ଷା କରିଥିଲେ। ପୁସ୍ତକରେ ଥିବା ପ୍ରେମ ପ୍ରଣୟ ଆଧାରିତ ମୋଟ ୬୦ଟି କବିତା ବେଶ୍ ଉଚ୍ଚକୋଟୀର ବୋଲି ସମୀକ୍ଷକ କହିଥିଲେ। ଅନୁଷ୍ଠାନର ସମ୍ପାଦକ ଗୋପାଳ ଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ପ୍ରେମୀ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ସନ୍ତାନକୁ ଗଢ଼ିବାରେ ମାତାପିତାଙ୍କ ତ୍ୟାଗ ଅତୁଳନୀୟ'

କଟକ, ୬।୧୨ (କାର୍ତ୍ତିକ ସାହୁ)

ପିତା ପରିବାରର ମୁଖ୍ୟ ହେଲେ ମା' ମେରୁ ସଦୃଶ। ସନ୍ତାନକୁ ମଣିଷ କରି ଗଢ଼ି ତୋଳିବାରେ ମାତାପିତାଙ୍କ ତ୍ୟାଗ ଅତୁଳନୀୟ। ସନ୍ତାନର ସଫଳତାରେ ମାତାପିତା କେବଳ ଖୁସି ହୁଅନ୍ତି ନାହିଁ, ଏହାଦ୍ୱାରା ସେମାନଙ୍କ ସମ୍ମାନ ମଧ୍ୟ ବଢ଼ିଥାଏ ବୋଲି ସନ୍ଥ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ମହାରାଜ ମତବ୍ୟକ୍ତ କରିଛନ୍ତି।

କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଇଚ୍ଛାବତୀ ରଥଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ସ୍ମୃତିଚାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱାମିଜୀ ଯୋଗଦେଇ କହିଛନ୍ତି, ମାତୃଶକ୍ତି ବିନା ଜଗତରେ କିଛି ବି ପରିବର୍ତ୍ତନ ହୋଇପାରେନା। ମାତାପିତା ଓ ଗୁରୁଜନଙ୍କୁ ଶ୍ରଦ୍ଧା, ସମ୍ମାନ ଏବଂ ସେବାଯତ୍ନ କଲେ ନିଜେ ସୁଖୀ ହେବା ସହିତ ସମାଜ ଓ ଦେଶ ବୈଭବମଣ୍ଡିତ ହେବ। ସମ୍ମାନିତ ଅତିଥି ସିଦ୍ଧଗିରି ଆଶ୍ରମର ପୀଠାଧୀଶ ବାବାଜୀ ବିଶ୍ୱନାଥ ଦାସ କହିଛନ୍ତି, ପୂଜ୍ୟପୂଜା ଦ୍ୱାରା ଆମ ଉତ୍ତର ପିଢ଼ିକୁ ପ୍ରେରଣା ମିଳିଥାଏ। ସ୍ୱର୍ଗତା ଇଚ୍ଛାବତୀଙ୍କ ପୁତ୍ର ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କହିଛନ୍ତି, ମାତାପିତା ହେଉଛନ୍ତି ଚଳନ୍ତି ଈଶ୍ୱର। ସେମାନଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ଯଥୋଚିତ ସମ୍ମାନ ପ୍ରଦର୍ଶନ ସନ୍ତାନର ସର୍ବୋତ୍ତମ କର୍ତ୍ତବ୍ୟ। ଏହି କାର୍ଯ୍ୟକ୍ରମରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, କୁଳସଚିବ ଡ. ଭକ୍ତ ଚରଣ ପ୍ରଧାନ, ସୁଲୋଚନା ଦାସ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ. ଲଳିତ ମୋହନ ମିଶ୍ର, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଅଖିଳ ମହାପାତ୍ର, ଡ. ରୁଦ୍ରନାରାୟଣ ମିଶ୍ର, ଶାନ୍ତନୁ କୁମାର ଶତପଥୀ, ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ଚିନ୍ମୟୀ ରଥ, ଇଂ. ଦୁର୍ଗାପ୍ରସାଦ ରଥ, ଇଂ. ଶିବ ପ୍ରସାଦ ରଥ, କଲୋନେଲ ସୁରେନ୍ଦ୍ରନାଥ ସେନ୍, ପ୍ରଫେସର ସୁଶାନ୍ତ କୁମାର ଦାସ, ଏକାଡେମିକ ନିର୍ଦ୍ଦେଶକ ଡ. ପ୍ରିୟଦର୍ଶୀ କାନୁନ୍‌ଗୋ, ଡ. ବିଶ୍ୱରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡା. ଦୁର୍ଗାପ୍ରସାଦ ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ପ୍ରାଧ୍ୟାପକ ବାବୁରାମ ନାୟକ, ସୁନୟ ମିଶ୍ରଙ୍କ ସମେତ ପଦ୍ମିନୀ କେୟାର ହସ୍ପିଟାଲ, ମେଡିକାଲ କଲେଜର ଡାକ୍ତର, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ରଥ ପରିବାରର ସଦସ୍ୟ ଯୋଗଦେଇଥିଲେ। ଧନେଶ୍ୱର ରଥ ଫାଉଣ୍ଡେଶନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।





ଇଚ୍ଛାବତୀ ରଥଙ୍କ ସ୍ମୃତିସଭାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

### ଡ୍ରିମ୍‌ସରେ ଇଚ୍ଛାବତୀ ରଥଙ୍କ ୮ମ ବାର୍ଷିକ ସ୍ମୃତିସଭା

# ବିଦ୍ୟାଳୟରେ ତାଲା ପକାଇ ରାସ୍ତାରେ ବସିଲେ ପିଲା

## ଡେପୁଟେଶନରେ ଆସିଥିବା ଶିକ୍ଷକଙ୍କୁ ସ୍ଥାନାନ୍ତର ନ କରିବାକୁ ଦାବି

ବେଗୁନିଆ,୬।୧୨ (ହର ପ୍ରସନ୍ନ ପଣ୍ଡା/ ମିହିର ରଞ୍ଜନ ମହାପାତ୍ର/ସନ୍ଧ୍ୟାରାଣୀ ମିଶ୍ର)


ଛାତ୍ରୀଛାତ୍ରମାନେ ରାସ୍ତାରେ ବସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମସ୍ଥିତ ଲୋକନାଥ ଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ପ୍ରତିନିଯୁକ୍ତି(ଡେପୁଟେଶନ)ଶିକ୍ଷକଙ୍କୁ ବିଦ୍ୟାଳୟରୁ ନ ଫେରାଇବା ଦାବି ଜୋର୍ ଧରିଥିଲା। ଏହାର ପ୍ରତିବାଦରେ ପାଠପଢ଼ା ଛାଡ଼ି ରାଜରାସ୍ତାକୁ ଓହ୍ଲାଇଥିଲେ ଛାତ୍ରୀଛାତ୍ର। ପିଲାମାନଙ୍କ ସହ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶେଷରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଆପୋସ ବୁଝାମଣାରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା। ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ଅଭିଭାବକଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନାଥାଉ କି, ଲୋକନାଥ ଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇଟି ଶ୍ରେଣୀରେ ଚଳିତବର୍ଷ ପ୍ରାୟ ୪୩ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଦୁଇଜଣ ସହକାରୀ ଶିକ୍ଷକ ଏଠାରେ ନିଯୁକ୍ତ ହୋଇଛନ୍ତି। ସେଥିମଧ୍ୟରୁ ଜଣେ ଶିକ୍ଷକ ସିଆର୍‌ସିସି ପଦବୀରେ ଏଠାରୁ ସ୍ଥାନାନ୍ତର ହୋଇଥିଲେ। ପୁଣି କିଛିଦିନ ପରେ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବବିତା ନାୟକ ମାଟରନିଟ୍ ଲିଭ୍‌ରେ ଯାଇଥିଲେ। ତେବେ ପାଠପଢ଼ାକୁ ଦୃଷ୍ଟିରେ ରଖି ତାଙ୍କ ସ୍ଥାନରେ ବ୍ଲକ ଅନ୍ତର୍ଗତ ରାଉତପଡ଼ା ବିଦ୍ୟାଳୟର ଶିକ୍ଷକ ଦେବାଶିଷ ପୃଷ୍ଟିଙ୍କୁ ବିଇଓ ଭାସ୍କର ଲେଙ୍କା ପ୍ରତିନିଯୁକ୍ତି(ଡେପୁଟେଶନ)ରେ ପଠାଇଥିଲେ। ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗତ ୨ ତାରିଖରୁ କାର୍ଯ୍ୟରେ ଯୋଗଦେଇଥିଲେ। ଉକ୍ତ ବିଦ୍ୟାଳୟକୁ ଡେପୁଟେଶନରେ ଆସିଥିବା ଶିକ୍ଷକ ପୃଷ୍ଟିଙ୍କୁ ପୁଣି ରାଉତପଡ଼ା ବିଦ୍ୟାଳୟକୁ ଗତ ୨ ତାରିଖରୁ ଫେରାଇ ଆଣିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଆଦେଶନାମା ଜାରି ହୋଇଥିଲା। ହେଲେ ଲୋକନାଥ ଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକ ପୃଷ୍ଟିଙ୍କୁ ସ୍ଥାନାନ୍ତର ନ କରିବାକୁ ଅଭିଭାବକମାନେ ବିଇଓଙ୍କ ନିକଟରେ ଦାବି କରିଥିଲେ। ହେଲେ ଶିକ୍ଷକ ପୃଷ୍ଟିଙ୍କୁ ସ୍ଥାନାନ୍ତର କରାଯାଇଥିବା ପ୍ରତିବାଦରେ ଅଭିଭାବକମାନେ ଶୁକ୍ରବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ପିଲାମାନେ ପାଠପଢ଼ା ଛାଡ଼ି ବିଦ୍ୟାଳୟ ସମ୍ମୁଖ ରାଜରାସ୍ତାରେ ବସିଥିଲେ। ପ୍ରାୟ ୩ ଘଣ୍ଟାଧରି ବିକ୍ଷୋଭ ଚାଲିଥିବାବେଳେ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିଲେ। ପରେ ଅଭିଭାବକ ଏବଂ ବିଇଓଙ୍କ ଆପୋସ ବୁଝାମଣାରେ ବିକ୍ଷୋଭ ହଟିଥିଲା। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା କହିଛନ୍ତି, ସରକାରୀ ନିୟମକୁ ଉଲ୍ଲଂଘନ କରାଯିବ ନାହିଁ। ପୃଷ୍ଟି ସାର୍‌ଙ୍କୁ ପ୍ରତିନିଯୁକ୍ତି ଭାବେ ସେଠାକୁ ପଠାଯାଇଥିଲା। ପୁଣି ତାଙ୍କୁ ନିଜ ସ୍ଥାନକୁ ତାଙ୍କୁ ପ୍ରତ୍ୟାବର୍ତ୍ତନ କରାଯାଇଛି।

# କୁରାଳ ପଞ୍ଚମୀରେ ପୂଜାପାଇଲେ ଲକ୍ଷ୍ମୀନାରାୟଣ

ନିରାକାରପୁର, ୬।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ଟାଙ୍କୋଳ ପଞ୍ଚାୟତରେ କୁମ୍ଭକାରଙ୍କ ବଡ଼ପର୍ବ କୁରାଳ ପଞ୍ଚମୀ ଆରମ୍ଭ ହୋଇଛି। ଏହି ଅବସରରେ ଶୁକ୍ରବାର ମାନସିକଧାରୀ ମହିଳା ପୁରୁଷ ନିକଟ ମନ୍ଦାକିନୀ ନଦୀରୁ କଳସରେ ଜଳ ଉଠାଇ ଏକ ଶୋଭାଯାତ୍ରାରେ ପୂଜା ମଣ୍ଡପ ନିକଟରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ପରେ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା ପାରମ୍ପରିକ ରିତୀନିତୀରେ ଅନୁଷ୍ଠିତ ହୋଇଥିଲା। ଏହି ପୂଜା ପାଞ୍ଚଦିନ ବ୍ୟାପୀ ଚାଲୁରହିବ। ପ୍ରତ୍ୟେକଦିନ ମଣ୍ଡପରେ ପୂଜା ପାଉଥିବା ଠାକୁରଙ୍କ ପାଖରେ ବିଭିନ୍ନ ଭୋଗଲାଗି କରାଯାଇଥାଏ। ପ୍ରଥମ ଦିବସରେ ବିଭିନ୍ନ ପ୍ରକାର ଫଳ ଓ ଶୁଖିଲା ଭୋଗ, ଦ୍ୱିତୀୟ ଦିନରେ ଇଡ଼ଲି ଓ ଖିରୀ, ତୃତୀୟ ଦିବସରେ ଦହିପଖାଳ ଓ ଶାଗଭଜା, ଚତୁର୍ଥ ଦିବସରେ ଖେଚୁଡ଼ି ଏବଂ ଅନ୍ତିମ ଦିବସରେ ବିଭିନ୍ନ ଫଳରେ ପଣା ପ୍ରସ୍ତୁତ କରାଯାଇ ଠାକୁରଙ୍କ ନିକଟରେ ଲାଗି କରାଯାଇଥାଏ।

# ୨ ମୃତ ବିଦେଶାଗତ ପକ୍ଷୀ ଜବତ, ଶିକାରୀ ଗିରଫ

ଟାଙ୍ଗୀ,୬।୧୨ (ରଘୁନାଥ ସାହୁ)



ଚିଲିକା କୂଳ ନିକଟ ବାଲିନାସୀଠାରୁ ଦୁଇଟି ମୃତ ବିଦେଶାଗତ ପକ୍ଷୀ ଜବତ କରାଯିବା ସହ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ଶିକାରୀ ଜଣଙ୍କ ବାଲିନାସି ଗ୍ରାମର ଅର୍ଜୁନ ଘଡ଼ାଇ (୭୫)। ମୃତ ପକ୍ଷୀ ଗୋଟିଏ ନର୍ଦ୍ଦଣ ପିନଟେଲ ଏବଂ ଅନ୍ୟଟି ହ୍ୱାଇଟ ବ୍ରିଷ୍ଟେଡ ୱାଟରହେନ୍। ମୃତ ପକ୍ଷୀଗୁଡ଼ିକୁ ପରୀକ୍ଷା ପାଇଁ ଫରେନସିକ୍ ଲାବରୋଟୋରିକୁ ପଠାଯିବା ସହ ଅର୍ଜୁନଙ୍କୁ କୋର୍ଟଚାଲାଣ କରାଯାଇଥିବା ବନ୍ୟପ୍ରାଣୀ ବିଭାଗ ଅଧିକାରୀ କହିଛନ୍ତି।

## ସଂକ୍ଷେପରେ

### ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ମହାପରିନିର୍ବାଣ ଦିବସ

ଜଟଣୀ, ୬।୧୨ (ରବୀନ୍ଦ୍ରନାଥ ମହାକୁଡ଼)

ବାବା ସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ମଣ୍ଡଳ କାର୍ଯ୍ୟାଳୟରେ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍. ଏସ୍.ବାଜୱା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମହାପରିନିର୍ବାଣ ଦିବସ ହେଉଛି ଭାରତୀୟ ସମ୍ବିଧାନର ପ୍ରଣେତା ଡ. ବି.ଆର୍ ଆମ୍ବେଦକରଙ୍କୁ ସ୍ମରଣ କରିବାର ଦିନ, ଯିଏ ଦେଶର ଅନ୍ୟତମ ସମାଜ ସଂସ୍କାରକ ଥିଲେ ବୋଲି ଅତିଥିଙ୍କ ମଧ୍ୟରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧାରୋଡ୍ କାର୍ମିକ ଅଧିକାରୀ ଆର୍.ଏନ୍. ଏ ପରିଡ଼ା ପରିଚାଳନା କରିଥିଲେ।

### ବିଏସ୍ଏଫ୍ ଗାଡ଼ିରେ ନିଆଁ



ଜଟଣୀ,୬।୧୨ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ମହୁଲଗୁଡ଼ିଆ ଛକ ଠାରେ ଶୁକ୍ରବାର ଭୋରୁ ଏକ ବିଏସଏଫ୍ ଗାଡିରେ କୌଣସି କାରଣରୁ ହଠାତ୍ ନିଆଁ ଲାଗିଯାଇଥିଲା। ଖବରପାଇ ଜଟଣୀ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଏହି ଅଗ୍ନିକାଣ୍ଡରେ କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି।

### ବିଦ୍ୟାଳୟରେ ଚକ୍ଷୁ ପରୀକ୍ଷଣ କାର୍ଯ୍ୟକ୍ରମ

ଟାଙ୍ଗୀ,୬।୧୨ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଚକ୍ଷୁ ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ୱାର୍ଡସଭ୍ୟା ଅସ୍ମିତା ସାନା, ବିଦ୍ୟାଳୟ ପରିଚାଳନା ସମିତି ସଭ୍ୟା ରିତୁ ମଣ୍ଡଳ, ଅଙ୍ଗନୱାଡି କର୍ମୀ ଭାରତୀ ଦେଈ ପ୍ରମୁଖ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଅଧିକ ଚିକିତ୍ସା ଆବଶ୍ୟକ ଥିବା ପିଲାମାନଙ୍କୁ ବଡ଼ ଡାକ୍ତରଖାନା ପଠାଯାଇ ମାଗଣା ଚିକିତ୍ସା କରାଯିବା ସହିତ ଚଷମା ପ୍ରଦାନ କରାଯାଉଛି। ବୀର ସୁରେନ୍ଦ୍ର ସାଏ ସୁନେତ୍ର ଯୋଜନା ଖୋର୍ଦ୍ଧା ଜିଲାରୁ ଆରମ୍ଭ ହୋଇ ସମଗ୍ର ରାଜ୍ୟରେ ଏହା କାର୍ଯ୍ୟକାରୀ କରାଯାଉଛି। ମୋଟ ୯୦ଜଣ ଛାତ୍ରୀଛତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଶିକ୍ଷକ ବାଇଧର ବେହେରା ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ରୂପାଲି ପାତ୍ର ଏବଂ ସ୍ୱାଗତିକା ରାଜ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗୃହରକ୍ଷୀଙ୍କ ସେବା ମନୋଭାବ ପ୍ରଶଂସନୀୟ


ଗୃହରକ୍ଷୀ ବାହିନୀର ୬୨ତମ ପ୍ରତିଷ୍ଠା ଦିବସ ଅବସରରେ ଏସ୍‌ପି ସାଗରିକା ନାଥ ଏବଂ ପୋଲିସ ଅଧିକାରୀମାନେ।

ଖୋର୍ଦ୍ଧା, ୬।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ତରତୁଆ ସ୍ଥିତ ରିଜର୍ଭ ପଡ଼ିଆରେ ଗୃହରକ୍ଷୀ ବାହିନୀର ୬୨ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ସମେତ ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଗୃହରକ୍ଷୀ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପାଠ କରିଥିଲେ। ଏହିଅବସରରେ ଏସ୍‌ପି କହିଥିଲେ, ୧୯୪୬ ମସିହାରେ ବମ୍ବେ ସହରରେ ପୋଲିସକୁ ସହାୟତା ନିମନ୍ତେ ଏକ ସ୍ୱେଚ୍ଛାସେବୀ ବାହିନୀଭାବେ ଗୃହରକ୍ଷୀ ବାହିନୀ ଆରମ୍ଭ ହୋଇଥିଲା। ସେଥିଲାଗି ପ୍ରତିବର୍ଷ ଡିସେମ୍ବର ୬ତାରିଖକୁ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସଭାବେ ପାଳନ କରାଯାଉଛି। ଏହା ଏକ ସ୍ୱେଚ୍ଛାକୃତ ସେବା ସଂସ୍ଥା। ଏହି ସଂସ୍ଥା ଭାରତବର୍ଷର ବିଭିନ୍ନ ରାଜ୍ୟରେ ପୋଲିସ ସହିତ ମିଶି ଜନସାଧାରଣଙ୍କ ସେବାରେ ନିୟୋଜିତ ରହି ବିଭିନ୍ନ ସେବା ପ୍ରଦାନ କରୁଛନ୍ତି। ସମ୍ପ୍ରତି ନକ୍ସଲ ଦମନ କାର୍ଯ୍ୟରେ ପରୋକ୍ଷରେ ନିୟୋଜିତ ହୋଇ ଅନେକ ଗୃହରକ୍ଷୀ ସେମାନଙ୍କ ଉତ୍ସର୍ଗୀକୃତ ସେବା କାଳରେ ପ୍ରାଣବଳି ମଧ୍ୟ ଦେଇଛନ୍ତି। ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୋଲିସ, ଅଗ୍ନିଶମ ସେବା ସଂସ୍ଥା ଏବଂ ଜିଲା ପ୍ରଶାସନ ସହ ମିଶି ଜନସାଧାରଣଙ୍କୁ ଉତ୍ସର୍ଗୀକୃତ ସେବା ପ୍ରଦାନ କରି ଆସୁଛନ୍ତି। ଗୃହରକ୍ଷୀଙ୍କ ସେବା ଓ ସମର୍ପଣ ଭାବ ପ୍ରଂଶସନୀୟ। ପୋଲିସ ସହ କାନ୍ଧରେ କାନ୍ଧ ମିଳାଇ ଗୃହରକ୍ଷୀମାନେ ଯେଉଁ ଉତ୍ସର୍ଗୀକୃତ ସେବା ଯୋଗାଇଆସୁଛନ୍ତି, ଆଗାମୀ ଦିନରେ ଆହୁରି କର୍ତ୍ତବ୍ୟନିଷ୍ଠା, ସେବା ପରାୟଣତା, ଉତ୍ତମ କାର୍ଯ୍ୟ କରି ଜନସାଧାରଣଙ୍କ ଆସ୍ଥାଭାଜନ ହେବା ଲାଗି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଏସ୍.କେ ମୁର୍ମୁ, ଶ୍ରୀନିବାସ ମହାନ୍ତି, ସଦର ଡିଏସ୍‌ପି ଅନିଲ ମହାନ୍ତିଙ୍କ ସମେତ ସମସ୍ତ ଥାନାର ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଉପସ୍ଥିତ ଥିଲେ।

# ଭଗବତୀ ମନ୍ଦିରରେ ଇ-ହୁଣ୍ଡି ଆରମ୍ଭ

ବାଣପୁର,୬।୧୨ (ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁରର ଆରାଧ୍ୟ ମା' ଭଗବତୀ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ମନ୍ଦିର କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କ ଅନୁରୋଧକ୍ରମେ ବାଣପୁର ୟୁକୋ ବ୍ୟାଙ୍କ ପକ୍ଷରୁ ଇ-ହୁଣ୍ଡି ପ୍ରତିଷ୍ଠା କରାଯାଇଛି। ବ୍ୟାଙ୍କର ଆଞ୍ଚଳିକ ଉପପ୍ରବନ୍ଧକ କେ.ପି.ସିଂଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ଏଣିକି ଦୂରଦୂରାନ୍ତରେ ରହୁଥିବା ଏବଂ ମନ୍ଦିର ପରିଦର୍ଶନରେ ଆସୁଥିବା ଭକ୍ତମାନେ ମଧ୍ୟ ମା'ଙ୍କ ସେବା ଓ ମନ୍ଦିରର ଉନ୍ନତି ନିମନ୍ତେ ଅର୍ଥ ଦାନ କରିବାକୁ ଚାହୁଁଥିଲେ ନିଜ ସ୍ଥାନରେ ରହି ଅର୍ଥ ରାଶି ଏହି ମାଧ୍ୟମରେ ପଠାଇ ପାରିବେ। ଯାହାକି ମା'ଙ୍କ ମନ୍ଦିର ନାମରେ ଥିବା ବ୍ୟାଙ୍କ ଖାତାରେ ଜମା ହୋଇପାରିବ ବୋଲି ବାଣପୁର ଶାଖା ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ବାଉରି ବନ୍ଧୁ ବେହେରା କହିଛନ୍ତି। ଏଥିପାଇଁ ମନ୍ଦିର ପରିଚାଳନା କମିଟି ସଭାପତି ସ୍ଥାନୀୟ ତହସିଲଦାର ଟି.ପଦ୍ମନାଭ ଦୋରା, ସଭ୍ୟା ଶୀତଲ ଅଗ୍ରୱାଲ, ସୌଦାମିନୀ ଜେନା, ସଭ୍ୟ ରମେଶ କୁମାର ଦେବତା, ଡା.ରମାକାନ୍ତ ନାୟକ, କର୍ମଚାରୀ ସୁରେନ୍ଦ୍ର ସାହୁ, ଅକ୍ଷୟ ମିଶ୍ର, ଅଶ୍ୱିନୀ ମିଶ୍ର, ମନ୍ଦିରର ସମସ୍ତ ସେବାୟତ, ବ୍ୟାଙ୍କ କର୍ମଚାରୀ ସ୍ମୃତିରଞ୍ଜନ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଜଟଣୀ, ୬।୧୨ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ହରିଭାଇନା ଛକଠାରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ଥାନା ଅଧୀନ କୁମାରଖାତିଆ ଗ୍ରାମର ମୋହନ ପାଟ୍ଟଶାଣୀ(ରିକୁ)। ସୂଚନା ମୁତାବକ, ଗୁରୁବାର ରାତିରେ ମୋହନ ବାଇକ୍‌ରେ ଜଟଣୀରୁ ଘରକୁ ଯାଉଥିବା ବେଳେ ସ୍ଥାନୀୟ ହରିଭାଇନା ଛକଠାରେ ଦୁର୍ଘଟଣା ଘଟିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଜଟଣୀ ଥାନା ପିସିଆର୍ ପହଞ୍ଚି ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଚିଲିକାର ପରିବେଶ, ପକ୍ଷୀ ସୁରକ୍ଷା ସ୍ଥିତି ପରଖିଲା ଜିଲାପରିଷଦ ଟିମ୍



ବାଲୁଗାଁ,୬।୧୨ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲାପରିଷଦର ଏକ ପ୍ରତିନିଧି ମଣ୍ଡଳୀ ଚିଲିକା ଗସ୍ତ କରି ଏହାର ପରିବେଶ ଏବଂ ଏଠାକୁ ଆସୁଥିବା ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ନେଇ ସ୍ଥିତି ପରଖିଛନ୍ତି। ଖୋର୍ଦ୍ଧା ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହଙ୍କ ନେତୃତ୍ୱରେ ଏହି ପ୍ରତିନିଧିଦଳ ବାଲୁଗାଁସ୍ଥିତ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ସଭାଗୃହରେ ମତ୍ସ୍ୟଜୀବୀଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଜନହିତକର ଯୋଜନା, ଚିଲିକାର ପରିବେଶ ଓ ପକ୍ଷୀମାନଙ୍କ ସୁରକ୍ଷା ନେଇ ଡିଏଫ୍‌ଓ ଅମ୍ଲାନ ନାୟକ ଏବଂ ଜିଲା ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ଦାସଙ୍କ ସହ ଆଲୋଚନା କରିଥିଲେ। ବାଲୁଗାଁ ରେଞ୍ଜର ରଶ୍ମିତା ଜେନା ଜିଲାପରିଷଦ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଚିଲିକା ହ୍ରଦ ଓ ପକ୍ଷୀ ସୁରକ୍ଷା ଉପରେ ସୂଚନା ଦେଇଥିଲେ। ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଚିଲିକା ହ୍ରଦ ପାଇଁ ସମଗ୍ର ଏସିଆ ମହାଦେଶରେ ଆମ ଅଞ୍ଚଳ ପରିଚିତ, ତେଣୁ ଏହାର ପରିବେଶ ଏବଂ ପକ୍ଷୀ ସୁରକ୍ଷା ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ଦାୟିତ୍ୱ ବୋଲି କହିଥିଲେ। ପରେ ସଦସ୍ୟମାନେ ଚିଲିକା ହ୍ରଦ ବୁଲି ଦେଖିବା ସହ ମା'କାଳିଜାଇ ମନ୍ଦିର ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଦସ୍ୟ ପ୍ରକାଶ ସାହୁ, ପ୍ରଦୀପ୍ତ ଛୋଟରାୟ, ବିଜୟ ପାଲଟାସିଂହ, ସବିତା ସୁନ୍ଦରାଏ, ଅନସୂୟା ବେହେରା, ତନୁଜା ପାଟଶାଣୀ, ସୁବାସ ରାୟଗୁରୁ, ମମତା ପାଇକରାୟ ପ୍ରମୁଖ ଯୋଗଦେଇଥିଲେ।

# କୁମାରବସ୍ତ ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟ | ଝାଁଲା, ଭାଲିଆବାଡ଼ି ବିଜୟୀ

ଖୋର୍ଦ୍ଧା,୬।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟର ତ୍ରୟୋଦଶ ଦିବସରେ ଝାଁଲା ଏବଂ ଭାଲିଆବାଡ଼ି ଟିମ୍ ବିଜୟୀ ହୋଇଛି। ଶୁକ୍ରବାର ପ୍ରଥମ ମ୍ୟାଚ୍ ଝାଁଲା ଏବଂ ବାଙ୍କୀ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଝାଁଲା ଟିମ୍ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ ବିନିମୟରେ ୧୯୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୧୩୦ରନ ସଂଗ୍ରହ କରିଥିଲେ। ଜବାବରେ ବାଙ୍କୀ ଟିମ୍ ୧୬୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଆଲୋକ ବେହେରା ୬୧ ଏବଂ ସାଗର ବେହେରା ୪୭ ରନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଭାଲିଆବାଡି ଏବଂ କଳିଙ୍ଗ ଖୋର୍ଦ୍ଧା ଟିମ୍ ମଧ୍ୟରେ ହୋଇଥିଲା। ଭାଲିଆବାଡ଼ି ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଜିତ୍ ଦାସ ୪୪ ଏବଂ ଜ୍ୟୋତିରଞ୍ଜନ ଦଳାଇ ୪୦ ରନ ସଂଗ୍ରହ କରିଥିଲେ। ଜବାବରେ କଳିଙ୍ଗ ଖୋର୍ଦ୍ଧା ଟିମ୍ ୧୬୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ସତ୍ୟଜିତ ସାହୁ ୩୮ ଏବଂ ଗିରିଶ ନାୟକ ୩୩ ରନ କରିଥିଲେ। ଅତିଥି ୱାଣ୍ଡରେଲା ମ୍ୟାନେଜର ସତ୍ୟରଞ୍ଜନ ବେହେରା ଯୋଗଦେଇ ପ୍ରଥମ ମ୍ୟାଚର ଶ୍ରେଷ୍ଠ ଖେଳାଳି ଅଭିଷେକ ପଟ୍ଟନାୟକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଅତିଥି ସାମାଜିକକର୍ମୀ ଜିତେନ୍ଦ୍ର ସେନାପତି ଦ୍ୱିତୀୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ଅଜିତ୍ ଦାସଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ ଏବଂ ପ୍ରଦୋଷ ବଳିୟାରସିଂ ମ୍ୟାଚ୍ ପରିଚାଳନା କରିଥିଲେ। କାଜଲ ବଳିୟାରସିଂ ଏବଂ ଶ୍ରଧାକର ପାତ୍ର ମ୍ୟାଚ୍ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଭାବେ ରଞ୍ଜନ ବରାଳ, ପ୍ରକାଶ ସାହୁ, ଶିବଦତ୍ତ ବଡ଼ଜେନା ଏବଂ ଅମ୍ଲାନ ରାଉତରାୟ ଥିଲେ। ସଂଯୋଜକ ଅବ୍ୟକ୍ତ ହରିହର ଖାଡଙ୍ଗା ଏବଂ ବନବିହାରୀ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ଘୋଷକ ପାର୍ଥସାରଥି ରାଉତରାୟ, ଅମିୟ ପ୍ରଧାନ ଓ ପ୍ରଶାନ୍ତ ଦାୟିତ୍ୱ ତୁଲାଇଥିଲେ। ଶନିବାର ପ୍ରଥମ ମ୍ୟାଚ କୁମାରବସ୍ତ- ଅରିସଲ ଏବଂ ଦ୍ୱିତୀୟ ମ୍ୟାଚ ବାଙ୍କୁଆଳ-ଝାଁଲା ଟିମ୍ ମଧ୍ୟରେ ହେବ ବୋଲି ଶୋଭାକର ପାତ୍ର କହିଛନ୍ତି।

# ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ

ବେଗୁନିଆ,୬।୧୨ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ପକ୍ଷରୁ ଶୁକ୍ରବାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଭୂଷଣ ଡ.ରାଧାନାଥ ରଥଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂସଦ ସଭାପତି ଡ. ହରିପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଆଦର୍ଶ କ୍ଲବ ପରିସରରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଡ.ରଥଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ରାଧାନାଥଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ମଙ୍ଗଳା ଚରଣ ପାଠ କରିଥିବା ବେଳେ ଗାୟକ ପ୍ରଦୀପ କିଶୋର ତ୍ରିପାଠୀ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଏଥିରେ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ସାମାଜିକ କର୍ମୀ ବିଜୟ ମହାନ୍ତି, ସୋମନାଥ ସାହୁ, କୈଳାସ ଚନ୍ଦ୍ର ସାହୁ, ଗୀତିକାର ଲକ୍ଷ୍ମୀଧର ମହାରଣା, କବୟିତ୍ରୀ ମାନସୀ ଦାସ, ରାମଚନ୍ଦ୍ର ସାହୁ, ଯୋଗିନାଥ ମହାପାତ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।



# ଆନ୍ଦୋଳନକୁ ଓହ୍ଲାଇଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ

## ଆକ୍ରମଣକାରୀ ସରପଞ୍ଚଙ୍କ ଗିରଫ ଦାବି

ଟାଙ୍ଗୀ/ବେଗୁନିଆ/ ବୋଲଗଡ଼, ୬।୧୨ (ରଘୁନାଥ ସାହୁ/ ହର ପ୍ରସନ୍ନ ପଣ୍ଡା/ ଦେବବ୍ରତ ହୋତା)


ବ୍ଲକ୍ କାର୍ଯ୍ୟାଳୟ ଆଗରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଧାରଣାରେ ବସିଛନ୍ତି।

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ସୋରଣ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରକାଶ ବେହେରାଙ୍କୁ ମାଡ଼ ମାରିଥିବା ସରପଞ୍ଚ ଶେଷଦେବ ବେହେରା ଏବଂ ତାଙ୍କ ସମର୍ଥକଙ୍କୁ ଗିରଫ ଦାବିରେ ଶୁକ୍ରବାର ୧୦ଟି ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ କଲମ ଛାଡ ଆନ୍ଦୋଳନରେ ସାମିଲ ହୋଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ୧୮ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଟାଙ୍ଗୀ ବ୍ଲକ ସଭାପତି ବିକ୍ରମ ବଳିୟାରସିଂହ, ସମ୍ପାଦକ ରଶ୍ମିତା ସ୍ୱାଇଁ, ସଦସ୍ୟ ଅମୂଲ୍ୟ କୁମାର ଭୋଇ, ମଦନମୋହନ ସାହୁ, ଅରବିନ୍ଦ ବେହେରା, ସଞ୍ଜୀବ ପାଇକରାୟ, ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଲିଖିତଭାବେ ଟାଙ୍ଗୀ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଜଣାଇଛନ୍ତି। ଆନ୍ଦୋଳନ ଯୋଗୁ ପଞ୍ଚାୟତର ବିଭିନ୍ନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

ସେହିପରି ବେଗୁନିଆ ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ବେଗୁନିଆ ବ୍ଲକ ସଂଘ ସଭାପତି ରବୀନ୍ଦ୍ର ନାଥ ବଳିୟାରସିଂ, ସମ୍ପାଦକ ସୌମ୍ୟ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ବିଡିଓ ଲକ୍ଷ୍ମୀଧର ସାହୁଙ୍କ ସହ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ପରିସଂଖ୍ୟାନ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ତେବେ ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏ ସମ୍ପର୍କରେ ବିଡ଼ିଓ ସାହୁ କହିଛନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦାବିପତ୍ର ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯାଇଛି। ସେହିପରି ବୋଲଗଡ଼ ବ୍ଲକ ଅନ୍ତର୍ଗତ ୧୯ଟି ପଞ୍ଚାୟତର ନିର୍ବାହୀ ଅଧିକାରୀମାନେ କଲମ ଛାଡ଼ ଆନ୍ଦୋଳନ କରି ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ସଭାପତି ପବିତ୍ର କୁମାର ସ୍ୱାଇଁ ଓ ସମ୍ପାଦକ ରବୀନ୍ଦ୍ର ନାଥ ପରିଡା କହିଛନ୍ତି।

# ଏସ୍‌ସିବିରେ ପାଳନ ହେଉନି ଶବ୍ଦ ପ୍ରଦୂଷଣ ନିୟମ





ଏସ୍‌ସିବି ମେଡିକାଲ ନନ୍‌ଟ୍ରମା କାଜୁଆଲ୍‌ଟି ସମ୍ମୁଖ ବାସ୍କେଟବଲ ପଡ଼ିଆରେ କଲେଜ ଛାତ୍ରମାନେ ରାତିରେ ବ୍ୟାଡ୍‌ମିଣ୍ଟନ ଖେଳିବା ସହ ବାଣ ଫୁଟାଇ ଖୁସି ମନାଉଛନ୍ତି।

କଟକ,୬।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ବିଭିନ୍ନ ମେଡିକାଲ ପରିସର କିମ୍ବା ଆଖପାଖରେ ଉଚ୍ଚ ଶବ୍ଦରେ ସାଉଣ୍ଡ ବକ୍ସ ନ ବଜାଇବା, ନାଚଗୀତ ନ କରିବା କିମ୍ବା ବାଣ ଫୁଟାଇ ଶବ୍ଦ ପ୍ରଦୂଷଣ ନ କରିବା ପାଇଁ ନ୍ୟାଶନାଲ ମେଡିକାଲ କମିଶନ(ଏନ୍‌ଏମ୍‌ସି) ନିୟମ କରିଛନ୍ତି। ହେଲେ ଏହାକୁ ରାଜ୍ୟର ସର୍ବବୃହତ୍ ଶ୍ରୀରାମଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ପାଳନ କରାଯାଉନାହିଁ। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଏସ୍‌ସିବି ମେଡିକାଲ ନନ୍‌ଟ୍ରମା କାଜୁଆଲ୍‌ଟି ସମ୍ମୁଖ ବାସ୍କେଟବଲ ପଡିଆରେ କଲେଜ ଛାତ୍ରମାନେ ଉଚ୍ଚ ଶବ୍ଦରେ ସାଉଣ୍ଡବକ୍ସ ବଜାଇ ବ୍ୟାଡ୍‌ମିଣ୍ଟନ ଖେଳୁଥିଲେ। ଏପରି କି ଉଚ୍ଚଶବ୍ଦଯୁକ୍ତ ବାଣ ଫୁଟାଇ ଖୁସି ମନାଉଥିଲେ। ଏହାର ଭିଡିଓ ସୋଶିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଛାତ୍ରଙ୍କ ଏଭଳି କାର୍ଯ୍ୟକୁ ନେଇ ମେଡିକାଲରେ ଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଘଟଣାକୁ ୫ ଦିନ ବିତିଯାଇଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ଏସ୍‌ସିବି ଫାଣ୍ଡିରେ ଅଭିଯୋଗ କରିନାହାନ୍ତି। ମେଡିକାଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ମେଡିକାଲ ପରିସର କିମ୍ବା ଆଖପାଖରେ ନାଚଗୀତ, ବାଣ ଫୁଟାଇବା କିମ୍ବା ଉଚ୍ଚ ଶବ୍ଦରେ ସାଉଣ୍ଡ ବକ୍ସ ବଜାଇ ଶବ୍ଦ ପ୍ରଦୂଷଣ କରିବା ନିୟମ ନାହିଁ। ଯଦି କେହି ଏଭଳି କରନ୍ତି ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିୟମ ରହିଛି। ଏହି ନିୟମକୁ ଲୋକମାନେ ପାଳନ କରୁଥିବାବେଳେ ଏସ୍‌ସିବି ପରିସରରେ ମେଡିକାଲ କଲେଜର ଛାତ୍ରମାନେ ମାନି ନ ଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଘଟିବା ପରେ ମଧ୍ୟ ପୋଲିସ ନୀରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଏସ୍‌ସିବି ଫାଣ୍ଡି ଅଧିକାରୀ ମଣେଶ୍ୱର ପ୍ରଧାନ କହିଛନ୍ତି, ଘଟଣା ସମ୍ପର୍କରେ ଜାଣିବା ମାତ୍ରେ ଘଟଣାସ୍ଥଳରେ ପହଞ୍ଚିଥିଲୁ। ହେଲେ ସେତେବେଳକୁ କୌଣସି ଛାତ୍ର ସେଠାରେ ନ ଥିଲେ। ଉଚ୍ଚ ଶବ୍ଦରେ ସାଉଣ୍ଡ ବକ୍ସ ବଜାଇବା ସହ ବାଣ ଫୁଟାଇ କେଉଁମାନେ ଖେଳୁଥିଲେ ସେ ନେଇ ପଚରାଉଚରା କରିଥିଲୁ। ପରଦିନ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଘଟଣା ସମ୍ପର୍କରେ ଏକ ରିପୋର୍ଟ ମାଗିଥିଲୁ। ହେଲେ ଏପର୍ଯ୍ୟନ୍ତ ରିପୋର୍ଟ ମିଳିନାହିଁ। ଏପରି କି ଘଟଣା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ ଅଭିଯୋଗ ମଧ୍ୟ କରିନାହାନ୍ତି। ଏନେଇ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

- ଉଚ୍ଚଶବ୍ଦରେ ସାଉଣ୍ଡ ବଜାଇ ବାଣ ଫୁଟାଇଲେ କଲେଜ ଛାତ୍ର
- ଅସନ୍ତୋଷ ପ୍ରକାଶ କଲେ ରୋଗୀ, ସମ୍ପର୍କୀୟ
- ୫ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

## ପିକ୍‌ଅପ୍ ଭ୍ୟାନ୍ ଚାଳକଙ୍କଠାରୁ ୭ ଲକ୍ଷ ଲୁଟ୍

ଖୁଣ୍ଟୁଣୀ, ୬।୧୨ (ସଚ୍ଚିଦାନନ୍ଦ ପଣ୍ଡା)

୫୫ ନମ୍ବର ଜାତୀୟ ରାଜପଥର ଖୁଣ୍ଟୁଣୀ ଥାନା ଅଧୀନ ପୁରୁଷୋତ୍ତମପୁର ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ୍ ଚାଳକଙ୍କଠାରୁ ଦୁର୍ବୃତ୍ତମାନେ ୭ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏନେଇ ପିକ୍‌ଅପ୍ ଭ୍ୟାନ୍ ମାଲିକ ଖୋର୍ଦ୍ଧା ଜିଲା ବାଲିପାଟଣା ଅଞ୍ଚଳର ତାପସ ବିଶ୍ୱାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏସ୍‌ଆଇ ବିକାଶ ସେଠୀଙ୍କ ସୂଚନା ଅନୁଯାୟୀ, ପିକ୍‌ଅପ୍ ଭ୍ୟାନ୍ ଚାଳକ କାହ୍ନା ପ୍ରଧାନ ଗାଡ଼ିରେ କାଠ ଉପକରଣ ନେଇ ଢେଙ୍କାନାଳର ଏକ ଦୋକାନରେ ଦେଇଥିଲେ। ସେଠାରୁ ୭ ଲକ୍ଷ ଟଙ୍କା ଆଣି ଫେରିବାବେଳେ ପୁରୁଷୋତ୍ତମପୁର ଗ୍ରାମ ନିକଟରେ ଏକ କାରରେ ଦୃର୍ବୃତ୍ତମାନେ ଆସି ଭ୍ୟାନ୍‌କୁ ଅଟକାଇଥିଲେ। ପରେ ଚାଳକ କାହ୍ନାଙ୍କୁ ଭୟଭୀତ କରି ଟଙ୍କା ଲୁଟି ନେଇଥିଲେ। ପରେ କାହ୍ନା ଏ ସମ୍ପର୍କରେ ତାପସଙ୍କୁ ଜଣାଇଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

କଟକ,୬।୧୨(କାର୍ତ୍ତିକ ସାହୁ)

ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ରୀତା ରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ମାରାଥନ୍‌ର ଡ. ବିବେକାନନ୍ଦ ତ୍ରିପାଠୀ ଯୋଗଦେଇ କ୍ରୀଡ଼ା ଦ୍ୱାରା ଶାରୀରିକ ସୁସ୍ଥତା ବଜାୟ ରହେ ବୋଲି କହିଥିଲେ। ଉଭୟ ବାଳିକା ଓ ବାଳକ ବିଭାଗରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ରବିନ୍ କୁମାର ସୋରେନ୍, ସହଯୋଗୀ ଉପସଭାପତି ଅଧ୍ୟାପକ କାର୍ତ୍ତିକେଶ୍ୱର ବେହେରା, ଅଧ୍ୟାପିକା ଡ. ସବିତା ମିଶ୍ର, ଶିବାନୀ ସିଂ, ଅଧ୍ୟାପକ ଡ. ସନାତନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଳକ ବିଭାଗରେ ପରାଉ ହାଁସଦା ଓ ବାଳିକା ବିଭାଗରେ ଭାଗ୍ୟଶ୍ରୀ ମାଝି ଚାମ୍ପିୟନ୍ ହୋଇଥିଲେ। ଅଧ୍ୟାପକ ଦେବାଧି ଦାସ ଧନ୍ୟବାଦ ଦେଇଥିଲେ।




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

## ୮ରେ ରାଷ୍ଟ୍ରୀୟ ନ୍ୟାୟବିତ୍ ସମ୍ମିଳନୀ

ଫୁଲନଖରା,୬।୧୨(ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ଅନନ୍ତପୁରସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବିଶ୍ୱ ଶାନ୍ତି ସରୋବରଠାରେ ରାଷ୍ଟ୍ରୀୟ ନ୍ୟାୟବିତ୍ ସମ୍ମିଳନୀ ଆସନ୍ତା ୮ ତାରିଖରେ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର, ମୁଖ୍ୟବକ୍ତା ଭାବେ ମଧ୍ୟପ୍ରଦେଶ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି. ଡି. ରାଠି, ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର, ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା ଯୋଗଦେବେ। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜୁରିଷ୍ଟ ପ୍ରଭାଗର ଜାତୀୟ ସଂଯୋଜିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଲତା ଆର ଅଗ୍ରୱାଲ ରାଜଯୋଗ ଅଭ୍ୟାସର ଅନୁଭବ ସମ୍ପର୍କରେ କହିବେ। କଟକ ସବ୍‌ଜୋନ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡ. କମଳେଶ ଦିଦି ଶୁଭ ଆଶୀର୍ବାଦ ପ୍ରଦାନ କରିବେ। ଏନେଇ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ରହ୍ମାକୁମାରୀ ଦେବସ୍ମିତା ଦିଦି କହିଛନ୍ତି। ଏହି ସମ୍ମିଳନୀରେ ବ୍ରହ୍ମାକୁମାରୀ କମଳେଶ ଦିଦି, ସୁଲୋଚନା ଦିଦି, ଲକ୍ଷ୍ମଣ ଭାଇ, ମଧୁସ୍ମିତା ଦିଦି, ବ୍ରହ୍ମାକୁମାର ଗୋପାଳ ଭାଇ ଓ ବିଶ୍ୱଜିତ୍ ଭାଇ ଉପସ୍ଥିତ ଥିଲେ।

## ‘ସନ୍ତାନଙ୍କୁ ଗଢ଼ିବାରେ ମାତାପିତାଙ୍କ ତ୍ୟାଗ ଅତୁଳନୀୟ’

କଟକ,୬।୧୨(କାର୍ତ୍ତିକ ସାହୁ)

ପିତା ପରିବାରର ମୁଖ୍ୟ ହେଲେ ମା’ ମେରୁ ସଦୃଶ। ସନ୍ତାନକୁ ମଣିଷ କରି ଗଢ଼ି ତୋଳିବାରେ ମାତାପିତାଙ୍କ ତ୍ୟାଗ ଅତୁଳନୀୟ। ସନ୍ତାନର ସଫଳତାରେ ମାତାପିତା କେବଳ ଖୁସି ହୁଅନ୍ତି ନାହିଁ, ଏହାଦ୍ୱାରା ସେମାନଙ୍କ ସମ୍ମାନ ମଧ୍ୟ ବଢ଼ିଥାଏ ବୋଲି ସନ୍ଥ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ମହାରାଜ ମତବ୍ୟକ୍ତ କରିଛନ୍ତି।

କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଇଚ୍ଛାବତୀ ରଥଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ସ୍ମୃତିଚାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱାମିଜୀ ଯୋଗଦେଇ କହିଛନ୍ତି, ମାତୃଶକ୍ତି ବିନା ଜଗତରେ କିଛି ବି ପରିବର୍ତ୍ତନ ହୋଇପାରେନା। ମାତାପିତା ଓ ଗୁରୁଜନଙ୍କୁ ଶ୍ରଦ୍ଧା, ସମ୍ମାନ ଏବଂ ସେବାଯତ୍ନ କଲେ ନିଜେ ସୁଖୀ ହେବା ସହିତ ସମାଜ ଓ ଦେଶ ବୈଭବମଣ୍ଡିତ ହେବ। ସମ୍ମାନିତ ଅତିଥି ସିଦ୍ଧଗିରି ଆଶ୍ରମର ପୀଠାଧୀଶ ବାବାଜୀ ବିଶ୍ୱନାଥ ଦାସ କହିଛନ୍ତି, ପୂଜ୍ୟପୂଜା ଦ୍ୱାରା ଆମ ଉତ୍ତର ପିଢ଼ିକୁ ପ୍ରେରଣା ମିଳିଥାଏ। ସ୍ୱର୍ଗତା ଇଚ୍ଛାବତୀଙ୍କ ପୁତ୍ର ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କହିଛନ୍ତି, ମାତାପିତା ହେଉଛନ୍ତି ଚଳନ୍ତି ଈଶ୍ୱର। ସେମାନଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ଯଥୋଚିତ ସମ୍ମାନ ପ୍ରଦର୍ଶନ ସନ୍ତାନର ସର୍ବୋତ୍ତମ କର୍ତ୍ତବ୍ୟ। ଏହି କାର୍ଯ୍ୟକ୍ରମରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, କୁଳସଚିବ ଡ. ଭକ୍ତ ଚରଣ ପ୍ରଧାନ, ସୁଲୋଚନା ଦାସ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ. ଲଳିତ ମୋହନ ମିଶ୍ର, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଅଖିଳ ମହାପାତ୍ର, ଡ. ରୁଦ୍ରନାରାୟଣ ମିଶ୍ର, ଶାନ୍ତନୁ କୁମାର ଶତପଥୀ, ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ଚିନ୍ମୟୀ ରଥ, ଇଂ. ଦୁର୍ଗାପ୍ରସାଦ ରଥ, ଇଂ. ଶିବ ପ୍ରସାଦ ରଥ, କଲୋନେଲ ସୁରେନ୍ଦ୍ରନାଥ ସେନ୍, ପ୍ରଫେସର ସୁଶାନ୍ତ କୁମାର ଦାସ, ଏକାଡେମିକ ନିର୍ଦ୍ଦେଶକ ଡ. ପ୍ରିୟଦର୍ଶୀ କାନୁନ୍‌ଗୋ, ଡ. ବିଶ୍ୱରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡା. ଦୁର୍ଗାପ୍ରସାଦ ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ପ୍ରାଧ୍ୟାପକ ବାବୁରାମ ନାୟକ, ସୁନୟ ମିଶ୍ରଙ୍କ ସମେତ ପଦ୍ମିନୀ କେୟାର ହସ୍ପିଟାଲ, ମେଡିକାଲ କଲେଜର ଡାକ୍ତର, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ରଥ ପରିବାରର ସଦସ୍ୟ ଯୋଗଦେଇଥିଲେ। ଧନେଶ୍ୱର ରଥ ଫାଉଣ୍ଡେଶନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।




ଇଚ୍ଛାବତୀ ରଥଙ୍କ ସ୍ମୃତିସଭାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଡ୍ରିମ୍‌ସରେ ଇଚ୍ଛାବତୀ ରଥଙ୍କ ୮ମ ବାର୍ଷିକ ସ୍ମୃତିସଭା**

## ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

କଟକ,୬।୧୨ (କାର୍ତ୍ତିକ ସାହୁ)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ମହିଳା କଲେଜର ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଏଡ୍‌ସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ବନ୍ଦିତା ଦାଶଙ୍କ ମାର୍ଗଦର୍ଶନ ତଥା ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର କୁମାର କୁଅଁରଙ୍କ ପୌରୋହିତ୍ୟରେ କଲେଜ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଏସ୍‌ସିବି ମେଡିକାଲ ଆଇସିଟିସି ପରାମର୍ଶଦାତ୍ରୀ ଅଞ୍ଜଳି ଦାସ ଯୋଗଦେଇ ଏଡ୍‌ସ୍‌ର ଲକ୍ଷଣ, କାରଣ ଓ ନିରାକରଣ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୱାଇଆରସି ପରାମର୍ଶଦାତ୍ରୀ ରଞ୍ଜନା ବେହେରା ଅତିଥି ପରିଚୟ ଓ ଅଧ୍ୟାପକ ମାହିତୋଷ ଗୋପାଳ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ‘ରାଧାନାଥଙ୍କ ସେବା, ତ୍ୟାଗ ଓ କର୍ମନିଷ୍ଠା ଥିଲା ଅସାଧାରଣ’



ବକ୍ସିବଜାରସ୍ଥିତ ଗୋପବନ୍ଧୁ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

କଟକ,୬।୧୨ (କାର୍ତ୍ତିକ ସାହୁ)

ମାନବ ଜାତି ପାଇଁ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ତ୍ୟାଗ, ସେବା, ଉତ୍ସର୍ଗୀକୃତ ଭାବନା ଓ କର୍ମନିଷ୍ଠା ଥିଲା ଆସାଧାରଣ। ତାଙ୍କର ଦୀର୍ଘ କର୍ମମୟ ଜୀବନ ଓ ସେବା ପାଇଁ ସେ ଚିରକାଳ ପ୍ରେରଣାଦାୟୀ ହୋଇ ରହିବେ ବୋଲି କଟକ ବକ୍ସିବଜାରସ୍ଥିତ ଗୋପବନ୍ଧୁ ଭବନରେ ଶୁକ୍ରବାର ଆୟୋଜିତ ଡ. ରଥଙ୍କ ୧୨୮ତମ ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପୂର୍ବତନ ପ୍ରଧାନ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ଗୋପବନ୍ଧୁ ଥିଲେ ଅସାଧାରଣ ଦୂରଦ୍ରଷ୍ଟା। ସେ ତାଙ୍କର ଲକ୍ଷ୍ୟ ଓ ସ୍ୱପ୍ନ ପୂରଣ କରିବା ପାଇଁ ଉତ୍ତରଦାୟାଦ ଭାବେ ରାଧାନାଥ ବାବୁଙ୍କୁ ବାଛିଥିଲେ। ରାଧାନାଥ ବାବୁ ନିଜର ଦାୟିତ୍ୱବୋଧକୁ ଯଥାର୍ଥ ଭାବେ ନିର୍ବାହ କରିଛନ୍ତି। ମୁଖ୍ୟବକ୍ତା ପ୍ରଫେସର ଦେବକାନ୍ତ ମିଶ୍ର ଓଡ଼ିଆ ବୌଦ୍ଧିକତାର ଉଦ୍‌ଗାତା ଭାବେ ରାଧାନାଥ ବାବୁଙ୍କୁ ଅଭିହିତ କରି ସେ ଓଡ଼ିଆ ସାମ୍ବାଦିକତାକୁ ଦିଶା ଦେଇଛନ୍ତି ବୋଲି କହିଥିଲେ। ଏହି ଅବସରରେ ‘ସମାଜ’ର ପୂର୍ବତନ ସମ୍ପାଦକ କାନନ ବିହାରୀ ଦାଶ, ଡ. ସତ୍ୟ ରାୟ, ଡ. ପ୍ରମୋଦ କୁମାର ମହାପାତ୍ର ଓ ଲୋକସେବକ ମଣ୍ଡଳର ଅଧ୍ୟକ୍ଷଙ୍କଙ୍କ ପରାମର୍ଶଦାତା ରାମନାଥ ଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲିଯାତ୍ରାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ‘ସମାଜ’ର ପ୍ରକାଶକ ଓ ମୁଦ୍ରାକର ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗୋପାଳକୃଷ୍ଣ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସମାଜ ସମ୍ପାଦକ ତପନ ମିଶ୍ର ଧନ୍ୟବାଦ ଦେଇଥିଲେ।

**ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ**

## ଆହାର ପାଇଁ ରୋଗୀ ସମ୍ପର୍କୀୟ ହଟହଟା

କଟକ,୬।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲ ପରିସରରେ ଥିବା ଆହାର କେନ୍ଦ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସେଠାରେ ଆହାର ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଦୀର୍ଘ ସମୟ ପର୍ଯ୍ୟନ୍ତ ଧାଡ଼ିରେ ଛିଡା ହୋଇ ହଟହଟା ହେବା ପରେ ନିରାଶ ହୋଇ ଫେରୁଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଏସ୍‌ସିବି ପରିସରରେ ଦ୍ୱିତୀୟ ଆହାର କେନ୍ଦ୍ର ଖୋଲିବା ପାଇଁ ଯୋଜନା ହୋଇଥିଲା। ହେଲେ ଏହା କେବଳ ଯୋଜନାରେ ସୀମିତ ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲ ପରିସରରେ ଥିବା ଆହାର କେନ୍ଦ୍ରରେ ଦିନକୁ ଦୁଇବେଳା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ୫ଟଙ୍କାରେ ଖାଦ୍ୟ ଯୋଗାଇ ଦିଆଯାଉଛି। ପୂର୍ବରୁ ଏଠାରେ ଦିନରେ ୧୩୦୦ ଓ ରାତିରେ ୮୦୦ ମିଲ୍ ଦିଆଯାଉଥିଲା। ହେଲେ ଗତବର୍ଷଠାରୁ ମିଲ୍ ସଂଖ୍ୟା ଦିନରେ ୨୦୦ ଓ ରାତିରେ ୨୦୦ ବୃଦ୍ଧି କରାଯାଇଥିଲା। ଫଳରେ ଏସ୍‌ସିବିରେ ଏବେ ଦିନରେ ୧୫୦୦ ଓ ରାତିରେ ୧୦୦୦ ମିଲ୍ ଯୋଗାଇ ଦିଆଯାଉଛି। ତଥାପି ଏହା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ଫଳରେ ରୋଗୀ ସମ୍ପର୍କୀୟ ଦୀର୍ଘ ସମୟ ଧାଡ଼ିରେ ଛିଡା ହେଉଥିଲେ ମଧ୍ୟ ଆହାର ନ ପାଇ ନିରାଶ ହୋଇ ଫେରୁଛନ୍ତି। ଏନେଇ ଜଣେ ରୋଗୀଙ୍କ ସମ୍ପର୍କୀୟ ମୀନା ହାଁସଦା କହିଛନ୍ତି, ଆହାର କେନ୍ଦ୍ର ନିକଟରେ ପ୍ରାୟ ଦେଢ଼ ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ନିରାଶ ହୋଇ ଫେରିବାକୁ ପଡୁଛି। ଫଳରେ ରୋଗୀ ସମ୍ପର୍କୀୟ ହଇରାଣ ହେଉଛନ୍ତି।

ଅପରପକ୍ଷରେ ଏସ୍‌ସିବିରେ ଦ୍ୱିତୀୟ ଆହାର କେନ୍ଦ୍ର ଖୋଲାଯିବା ପାଇଁ ରାଣୀହାଟ ପାର୍ଶ୍ୱରେ ଜାଗା ଚିହ୍ନଟ କରାଯାଇଥିଲା। ଏନେଇ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖାଯିବା ସହ ପଦକ୍ଷେପ ନିଆଯାଇଥିଲା। ଦ୍ୱିତୀୟ ଆହାର କେନ୍ଦ୍ରରେ ୫୦୦ ଲୋକଙ୍କ ପାଇଁ ଖାଦ୍ୟ ମହଜୁଦ ରହିବ ବୋଲି ସ୍ଥିର କରାଯାଇଥିଲା। ହେଲେ ଇତିମଧ୍ୟରେ ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ତାହା କେବଳ ଯୋଜନାରେ ସୀମିତ ହୋଇରହିଛି। ଫଳରେ ଏସ୍‌ସିବି ପରିସରରେ ଥିବା ଗୋଟିଏ ଆହାର କେନ୍ଦ୍ର ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଖାଦ୍ୟର ଆବଶ୍ୟକତା ପୂରଣ କରିପାରୁନାହିଁ। ଏ ସମ୍ପର୍କରେ ମେଡିକାଲର କୁଳସଚିବ ଡ. ଅବିନାଶ ରାଉତ କହିଛନ୍ତି, ଏସ୍‌ସିବିରେ ଦ୍ୱିତୀୟ ଆହାର କେନ୍ଦ୍ରର ବହୁ ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଗତ ନଭେମ୍ବର ୨୭ ତାରିଖରେ ସିଏମ୍‌ସି କମିଶନରଙ୍କ କାର୍ଯ୍ୟାଳୟକୁ ଏନେଇ ଚିଠି ଲେଖାଯାଇଛି। ଖୁବ୍‌ଶୀଘ୍ର ତାହା କାର୍ଯ୍ୟକାରୀ ହେବ ବୋଲି ଆଶା ରହିଛି।



ଆହାର ପାଇଁ ରୋଗୀଙ୍କ ସମ୍ପର୍କୀୟ ଧାଡ଼ିରେ ଛିଡ଼ା ହୋଇଛନ୍ତି।

**ଏସ୍‌ସିବି ମେଡିକାଲ**
- ଧାଡ଼ିରେ ଛିଡା ହେବା ପରେ ନିରାଶ ହୋଇ ଫେରୁଛନ୍ତି
- ଯୋଜନାରେ ସୀମିତ ଦ୍ୱିତୀୟ ଆହାର କେନ୍ଦ୍ର

